

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ

ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

ରଘୁନନ୍ଦନ ଦାସ

| Vol.5 | Issue- 40 | March 14 to 20, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୪୦ | ମାର୍ଚ୍ଚ ୧୪ ରୁ ୨୦, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ପଞ୍ଚାୟତ ରେଜଲ୍ଟରେ ବିରୋଧୀ ପାଗଳ !

**ଭୁବନେଶ୍ୱର(ପରମେଶ୍ୱର ଦାଶ)**

ବିରୋଧୀଙ୍କ ବିରୁଦ୍ଧରେ ଚର୍ଚ୍ଚା ଥମୁନି। ଦିନକୁ ଦିନ ଚର୍ଚ୍ଚା ବା ସମାଲୋଚନା ଜୋର୍‌ଦାର ହେଉଛି। ପଞ୍ଚାୟତ ନିର୍ବାଚନର ଫଳାଫଳ ସମଗ୍ର ରାଜ୍ୟରେ ଯାହା ଘଟିଲା ସେ ସବୁ ବିରୋଧୀମାନଙ୍କ ପାଇଁ ଚେତାବନୀ ବୋଲି କୁହାଯାଉଛି। ଆରମ୍ଭ ହୋଇଥିବା ପୌର ନିର୍ବାଚନରେ ପୁନଶ୍ଚ ସଂଖ୍ୟା ଗରିଷ୍ଠତା ହାସଲ କରିବ ବିଜେଡି ବୋଲି ମଧ୍ୟ କୁହାଯାଉଛି। ଯେ ପର୍ଯ୍ୟନ୍ତ ସେମାନେ ଫେକ୍ ଆନ୍ଦୋଳନ/ବିବାଦରୁ ନିବୃତ୍ତ ନ ହୋଇଛନ୍ତି ଓ ସତ୍ୟ/ତଥ୍ୟ ଉପରେ ଆଧାରିତ ଘଟଣାବଳୀକୁ ନେଇ ଆନ୍ଦୋଳନକୁ ନ ଓହ୍ଲାଇଛନ୍ତି ସେହିପରି ଭାବରେ ନିନ୍ଦୀତ ହେବା ସେମାନଙ୍କ ପାଇଁ ଏକ ପ୍ରକାର ଭୋଟରଙ୍କର ଚେତାବନୀ ବୋଲି କୁହାଯାଉଛି। ଗୋଟିଏ ପରେ ଗୋଟିଏ ଘଟଣା ଏପରିକି ରାଜ୍ୟରେ ଯେତେଗୁଡିଏ ଇସ୍ୟୁ ବିରୋଧୀ କରିଛନ୍ତି ସେସବୁର ସତ୍ୟତା ନଥିବାରୁ ସେମାନେ କୋର୍ଟକଚେରୀରେ ଆଶ୍ରୟ ନେଇ ପାରୁନାହାଁନ୍ତି। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘଟଣାରେ ସରକାର ବାଧ ହୋଇ କୋର୍ଟକୁ ଯିବାରୁ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇପାରିଛି ବୋଲି କୁହାଯାଇ ବିରୋଧୀଙ୍କୁ କଡା ସମାଲୋଚନା କରାଯାଉଛି। ସେହିପରି ଅନ୍ୟତମ ମନ୍ତ୍ରୀ ଅରୁଣ ସାହୁଙ୍କୁ ଯେଉଁପରି ଭାବରେ ନିନ୍ଦିତ ବା ତାଙ୍କର ଭାବମୂର୍ତ୍ତିରେ କଳଙ୍କ ଲଗେଇବା ପାଇଁ ପରୀ ହତ୍ୟାକାଣ୍ଡ ଘଟଣା ଇସ୍ୟୁ କଲେ ସେ ବି ଅନ୍ୟ ଏକ ଘଟଣାକୁ ନେଇ ଏବେବି ମଧ୍ୟ ବିରୋଧୀଙ୍କୁ ସମାଲୋଚନା କରାଯାଇଆସୁଛି। କୌଣସି ଘଟଣାରେ ସତ୍ୟତା ନ ଥାଇ ବା କୋର୍ଟକଚେରୀ ନ ଯାଇ ମାସ ମାସ ଧରି ଜନଜୀବନ ବିପର୍ଯ୍ୟସ୍ତ କଲେ ସେସବୁର ଜବାବ ପଞ୍ଚାୟତ ନିର୍ବାଚନରେ ଭୋଟରମାନେ ବିରୋଧୀଙ୍କୁ ଉଚିତ୍ ଶିକ୍ଷା ଦେଇଥିବା ଆଲୋଚନା କରୁଛନ୍ତି। ଯେଉଁପରି ଭାବରେ ବିରୋଧୀ ସରକାରଙ୍କୁ ସମାଲୋଚନା କରି ବାହୁବଳ, ଅର୍ଥ ବଳରେ ପଞ୍ଚାୟତ ନିର୍ବାଚନରେ ଜିତିଲେ ବୋଲି ଅଭିଯୋଗ କରୁଛନ୍ତି ସେସବୁ ଫେକ୍ ଅଭିଯୋଗ ବୋଲି କୁହାଯାଉଛି। ସରକାରଙ୍କ



ଜନହିତକର ସେବା ଚାଷୀମାନଙ୍କ ଲାଗି କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ଜଣେ ଅସୁସ୍ଥ ବ୍ୟକ୍ତି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା, ଭୂମିହୀନଙ୍କୁ ଜମି ବଣ୍ଟନ, ମହାମାରୀ କରୋନା ସମୟରେ ମାଗଣା ରାସନ୍, ଆହାର, ସ୍ମାର୍ଟ ସ୍କୁଲ୍, କରୋନା ଚିକିତ୍ସାରେ ହସ୍ପିଟାଲ୍‌ର ବ୍ୟବସ୍ଥା ଓ କଟକଣା ଆଦି ଅନେକକୁ ବିଚାରକୁ ନେଲେ ସରକାର ରାଜ୍ୟବାସୀଙ୍କ ଲାଗି ଅନେକ କାର୍ଯ୍ୟ କରୁଥିବା ଭୋଟର ଆଲୋଚନା କରୁଛନ୍ତି।

ଗତ ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ ଦିନ ବାଣପୁର ବ୍ଲକ୍ ନିକଟରେ ଦ୍ରୁତଗତିରେ ଗାଡି ଚଳାଇ ବ୍ଲକ୍ ପରିସରକୁ ଅନଧିକାର ଭାବେ ବିଧାୟକଙ୍କର ପ୍ରବେଶ ସମୟରେ ପୋଲିସ୍ ଓ ସାଧାରଣ ଜନତାଙ୍କ ଉପରେ ଗାଡି ଚଳାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନାମରେ ପୋଲିସ୍ ମାମଲା ରୁଜୁ କରି ଚିକିତ୍ସାଧିନ ଅବସ୍ଥାରେ ବିଧାୟକଙ୍କୁ ପୋଲିସ୍ ହେପାଜତରେ ରଖାଯାଇସାରିଛି। ତା' ସତ୍ତ୍ୱେ ବିରୋଧୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆହ୍ୱାନ କରିବା ନିନ୍ଦନୀୟ ଘଟଣା ବୋଲି ଆଲୋଚନା କରୁଛନ୍ତି। ବିରୋଧୀ ଏଥିପୂର୍ବରୁ ଜାଣିବା ଦରକାର ତାଙ୍କର ଜଣେ ସାଂସଦ ସରକାରୀ କର୍ମଚାରୀଙ୍କୁ ନିଜ ଅଫିସ୍ ଡକାଇ ମାଡ ମାରି ହାତ-ଗୋଡ଼ ଭାଙ୍ଗିଦେବାକୁ କ'ଣ ସେମାନେ ଭୁଲି ଗଲେଣି ବୋଲି ପ୍ରଶ୍ନ କରୁଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ହିଂସାକୁ ପ୍ରଶୟ ଦେଉନଥିବା ବେଳେ ଦୁର୍ନୀତି ଉପାୟରେ ସରକାରୀ ଅର୍ଥ ହଡପକାରୀମାନଙ୍କୁ କିପରି ବାଧ୍ୟତାମୂଳକ ଅବସର ଦେଉଛନ୍ତି ସେଥିରୁ କ'ଣ ବିରୋଧୀ ଶିଖିବା ବା ଜାଣିବା ଉଚିତ୍ ନୁହେଁ କି ? ବୋଲି ସାଧାରଣରେ ଏପରି ଆଲୋଚନା କରାଯାଉଛି।

## ମୋଦିଙ୍କୁ ଧନ୍ୟବାଦ ଜଣାଇଲେ ବାଂଲାଦେଶ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇଛନ୍ତି। ଅପରେସନ ଗଙ୍ଗା ମାଧମରେ ବାଂଲାଦେଶର ନାଗରିକ ନଜି ଦେଶକୁ ଫେରି ପାରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରି ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଋଷିଆ -ୟୁକ୍ରେନ୍ ଯୁଦ୍ଧ ଭିତରେ ପଶିରହିଥିବା ଭାରତୀୟଙ୍କ ସ୍ୱଦେଶ ଆଣିବା ପାଇଁ ଅପରେସନ ଗଙ୍ଗା ଆରମ୍ଭ ହୋଇଥିଲା

ସତନ୍ତ୍ର ବିମାନ ଯୋଗେ ସେମାନଙ୍କୁ ୟୁକ୍ରେନ୍ ପଡୋଶୀ ରାଷ୍ଟ୍ରଗୁଡିକ ଉଦ୍ଧାର କରାଯାଉଛି। ତେବେ ଭାରତୀୟଙ୍କ ସମେତ ୟୁକ୍ରେନ୍‌ରେ ଫସିଥିବା ଅନ୍ୟ ଦେଶର ଛାତ୍ରଛାତ୍ରୀ ମଧ୍ୟ ନିଜ ଦେଶକୁ ଫେରି ପାରିଛନ୍ତି।

## ମା'କୁ ଭେଟିଲେ ମୋଦି



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଗୁଜୁରାଟ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଠାରେ ଏକ ବିଶାଳ ରୋଡ ଶୋରେ ସାମିଲ ହୋଇଥିଲେ ପ୍ରଧାନ ମନ୍ତ୍ରୀ ଏହାପରେ ଗାନ୍ଧୀନଗରରେ ମାଆ ହୀରାବେନଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ପ୍ରାଧନମନ୍ତ୍ରୀ ଦୁଇ ବର୍ଷ ନିଜ ମାଆଙ୍କୁ ଭେଟିଛନ୍ତି। ଏହାସହ (ପୃଷ୍ଠା-୨)

**ମାଆ-ପୁଅ କଲେ ଭୋଜନ**

## ପୁଣି ଚମକିଲେ ନବୀନ




**୨୦୨୧ସ୍କଚ୍ ପ୍ରଶାସନିକ ରିପୋର୍ଟ କାର୍ଡରେ ନମ୍ବର ୩**

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦିନକୁ ଦିନ ଆହୁରି ବୃଦ୍ଧି ପାଉଛି ମୁଖ୍ୟ ମନ୍ତ୍ରୀ ପଟ୍ଟନାୟକଙ୍କ ଲୋକପ୍ରିୟତା ୨୪ବର୍ଷ ଧରି କ୍ଷମତା ରେ ଥିଲେ ବି ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାରେ ମଳିନ ପଡିନି। ପୂର୍ବାପେକ୍ଷା ବଢିଛି ଅଧିକ ଆଦର ଓ ସାଉଁଟୁଛନ୍ତି ପ୍ରଶଂସା। ୨୦୨୧ ସ୍କଚ୍ ପ୍ରଶାସନିକ ରିପୋର୍ଟରେ କାର୍ଡ ଏହାକୁ ପୁଣିଥରେ ପ୍ରମାଣିତ କରିଛି। ଗତ ବର୍ଷ ସ୍କଚ୍ ରିପୋର୍ଟ କାର୍ଡରେ ନବୀନ ୮ନମ୍ବର ସ୍ଥାନରେ ଥିବା ବେଳେ ବର୍ଷକ ଭିତରେ ନବୀନଙ୍କ ପ୍ରଦର୍ଶନ ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ରାଜ୍ୟର ପ୍ରଦର୍ଶନକୁ ନେଇ ବିରୋଧୀ ଯେତେ ଅଭିଯୋଗ କଲେ ବି ଦକ୍ଷତା ଭିତ୍ତିକ ରିପୋର୍ଟ କାର୍ଡ ସତ ବଖାଣିଛି। ଗତ ବର୍ଷ ସ୍କଚ୍ ପ୍ରଶାସନିକ ରିପୋର୍ଟ କାର୍ଡରେ ଓଡିଶା ମୁଖ୍ୟମନ୍ତ୍ରୀ ୮ନମ୍ବର ସ୍ଥାନରେ ଥିଲେ ବି ବର୍ଷକ ଭିତରେ ତିନି ନମ୍ବର ସ୍ଥାନକୁ ଲମ୍ଫ ଦେଇଛନ୍ତି। ନକଟରେ ଜଗନ ଓ ମମତା ନିର୍ବାଚନ ଜିତିଥିବାରୁ ଏହି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକ ନମ୍ବର ଓ ଦୁଇ ନମ୍ବର ସ୍ଥାନରେ ଅଛନ୍ତି। କିନ୍ତୁ କ୍ରମାଗତ ଭାବେ ୨୪ବର୍ଷ ଧରି କ୍ଷମତାର ଥିବା ନବୀନ ପଟ୍ଟନାୟକଙ୍କ ନିଜ ଲୋକପ୍ରିୟତାକୁ ବଜାୟ ରଖିବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି କୌଣସି ଗୋଟିଏ ହେଲେ ବିଜେପି ଶାସିତ ରାଜ୍ୟ ଶ୍ରେଷ୍ଠ ତିନି ମୁଖ୍ୟମନ୍ତ୍ରୀଙ୍କ ଭିତରେ ନାହାନ୍ତି। ଏପିରିକି ଗୁଜୁରାଟ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ମଧ୍ୟପ୍ରଦେଶ ଭଳି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଗତ ବର୍ଷକ ମଧ୍ୟରେ ନିଜର ଲୋକପ୍ରିୟତା ଦ୍ରୁତ ଭାବେ ହରାଇଛନ୍ତି। ଗତ ୨୦୨ସର୍ଭେରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଦୁଇ ନମ୍ବରରୁ ୪ ନମ୍ବର ସ୍ଥାନକୁ ଖସିଛନ୍ତି।

## ୫ ରାଜ୍ୟରେ ଅମାନତ ନାହିଁ କଂଗ୍ରେସର



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପି ପୁଣି ବିଜୟ ଲାଭ କରିଛି। ସରକାର ଗଠନ କରିବାକୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏଥିରେ କଂଗ୍ରେସ ମାତ୍ର ୨ଟି ଆସନ ଜିତିବାରେ ସକ୍ଷମ ହୋଇଛି। ୨୦୧୭ ନିର୍ବାଚନରେ ଦଳ ୭ଟି ଆସନ ପାଇଥିବା ବେଳେ ଚଳିତ ଥର ମାତ୍ର ୨ଟି ଆସନରେ ସୀମିତ ରହିଛି।

ଏପରିକି ୭ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନରେ ଦଳର ଏହି ଶୋଚନୀୟ ପରାଜୟ ଦଳର ନେତାଙ୍କୁ ଚିନ୍ତାରେ ପକାଇ ଦେଇଛି। ସବୁଠାରୁ ବଡ କଥା ଯେ, କଂଗ୍ରେସର ୯୭% ପ୍ରାର୍ଥୀ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ଅମାନତ ହରାଇଛନ୍ତି। ଅନ୍ୟପକ୍ଷରେ ବିଏସ୍‌ପି କ୍ଷେତ୍ରରେ ଏହି ସଂଖ୍ୟା ୭୨% ରହିଛି।

ୟୁପିରେ ୪୦୩ଟି ଆସନରୁ କଂଗ୍ରେସ ୩୯୯ଟି ସ୍ଥାନରେ ପ୍ରାର୍ଥୀ ଦେଇଥିଲା। ହେଲେ ଏହା ମଧ୍ୟରୁ ୩୮୭ ଜଣ ପ୍ରାର୍ଥୀ ଅମାନତ ହରାଇଛନ୍ତି। କଂଗ୍ରେସ ପ୍ରାୟ ସବୁ ସ୍ଥାନରେ ପ୍ରାର୍ଥୀ ଦେଇଥିଲେ ମଧ୍ୟ ଦଳର ଭୋଟ ଭାଗ ୨.୪% ରହିଛି। ଏହା ୩୩ଟି ଆସନରେ ପ୍ରାର୍ଥୀ ଦେଇଥିବା ଆରଏଲଡିର ଭୋଟ ଭାଗ ଠାରୁ ବି କମ। ଆର୍‌ଏଲ୍‌ଡିର ଭୋଟ ଭାଗ ୨.୯%।

କଂଗ୍ରେସ ଭଳି ମାୟାବତୀଙ୍କ ବିଏସ୍‌ପି ମଧ୍ୟ ଲଜ୍ଜାଜନକ ସ୍ଥିତିରେ ସମ୍ମୁଖୀନ ହୋଇଛି। ଦଳ ରାଜ୍ୟର ସମସ୍ତ ୪୦୩ ଆସନରେ ପ୍ରାର୍ଥୀ ଦେଇଥିଲା। କିନ୍ତୁ ଏହା ମଧୟରୁ ୨୯୦ ଜଣ ଅମାନତ ହରାଇଛନ୍ତି। ବିଜେପିର କିଛି ନେତା ମଧ୍ୟ ଅମାନତ ହରାଇଛନ୍ତି। ଦଳ ରାଜ୍ୟରେ ବିପୁଳ ବିଜୟ ହାସଲ କରିଥିଲେ ମଧ୍ୟ ୩ଜଣ ପ୍ରାର୍ଥୀ ସେମାନଙ୍କ ଅମାନତ ହରାଇଛନ୍ତି। ବିଜେପି ମୋଟ ୩୭୬ଟି ଆସନରେ ପ୍ରାର୍ଥୀ ଦେଇଥିଲା। (ପୃଷ୍ଠା-୨)

## ଦଳରୁ ସସ୍‌ପେଣ୍ଡ କରାଯିବ:ଦେବାଶିଷ

**କଟକ ପୌର ନିର୍ବାଚନ ଉଠୁଛିପଡୁଛି**

**କଟକ(ତପନ ମହାନ୍ତି):-** କଟକ ମହାନଗର ନିଗମର ସମସ୍ତ ୫୯ଟି ୱାର୍ଡ଼ର କର୍ପୋରେଟର ସମେତ ସିଏମ୍‌ସିର ମେୟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ବିଜେଡ଼ି, କଂଗ୍ରେସ ଓ ବିଜେପିରେ ମଧ୍ୟ କର୍ପୋରେଟର ଆଶାୟୀ ପ୍ରାର୍ଥୀମାନେ ବହୁ ସଂଖ୍ୟାରେ ଟିକଟରୁ ବଞ୍ଚିତ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ଏପରିକି ଏହି ତାଲିକାରେ ଅନେକ ପୂର୍ବତନ କର୍ପୋରେଟରଙ୍କ ସହ ଦଳର ଆଗଧାଡ଼ିର କର୍ମକର୍ତ୍ତା ମଧ୍ୟ ରହିଛନ୍ତି। ଏଣୁ ଏମାନଙ୍କ ମାନଭଞ୍ଜନ ପାଇଁ ଦଳ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଏହି ବିଦ୍ରୋହୀ ପ୍ରାର୍ଥୀମାନେ କିନ୍ତୁ ମଇଦାନରୁ ଓହରିବାକୁ ମଙ୍ଗୁନାହାନ୍ତି। ଏନେଇ ନେତାଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ଗୋଟିଏ ପଟରେ ଦଳୀୟ ନେତାମାନେ ମଧ୍ୟ ବୈଠକରେ ଖୋଲାଖୋଲି ଚେତାବନୀ ଦେଇ କହିଛନ୍ତି ଯେ, ନାମାଙ୍କନ ପ୍ରତ୍ୟାହାର ନ କରି ବିଦ୍ରୋହୀ ପ୍ରାର୍ଥୀ ହେଉଥିବା ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ଦଳରୁ ନିଲମ୍ବନ କରାଯିବ। ଏପରିକି ବିଜେଡ଼ି ନେତା ଯେଉଁମାନେ ବି କର୍ପୋରେଟର ଅବା ମେୟର ପଦବୀ ପାଇଁ ସ୍ୱାଧୀନଭାବେ ଦଳୀୟ ଶୃଙ୍ଖଳା ଭଙ୍ଗ କରି ନାମାଙ୍କନ ଦାଖଲ କରିଛନ୍ତି ସେମାନଙ୍କୁ ଦଳରୁ ନିଲମ୍ବନ କରାଯିବ ବୋଲି ମଧ୍ୟ ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ ଚେତାଇ ଦେଇଛନ୍ତି। ନାମାଙ୍କନ ପତ୍ର ପ୍ରତ୍ୟହାରପାଇଁ ଆସନ୍ତା ୧୪ ତାରିଖ ଯାଏଁ ହାତରେ ସମୟ ଥିବାରୁ କୌଣସି ଦଳ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଇତି ମଧ୍ୟରେ ଦଳଡ଼ିଆଁ ରାଜନୀତି କଟକରେ ବେଶ ସରଗରମ ହେବାରେ ଲାଗିଛି। ପ୍ରତିଦିନ ବିଜେଡ଼ି, କଂଗ୍ରେସ ଓ ବିଜେପିରେ ଚାଲିଛି ମିଶ୍ରଣ ପର୍ବ। ଏପରିକି ବିଭିନ୍ନ ୱାର୍ଡ଼ରେ କିଛି ପ୍ରଭାବଶାଳୀ ନେତା, ପୂର୍ବତନ କର୍ପୋରେଟରମାନେ ନିଜ ନିଜ ଦଳ ପରିତ୍ୟାଗ କରି ଅନ୍ୟ ଦଳରେ ମିଶୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ବିଜେପିର ପୂର୍ବତନ କର୍ପୋରେଟର ରାଜକୁମାରୀ ସ୍ୱାଇଁ ମଧ୍ୟ ବିଜେଡ଼ିର ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ସେହିପରି ଆଜି ବିଜେପିର ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଲିଙ୍ଗରାଜ ହାତୀ ମଧ୍ୟ ବିଜେପି ଛାଡ଼ି ବିଜେଡ଼ିରେ ସାମିଲ ହୋଇଛନ୍ତି। ଏହିପରି ପ୍ରତିଦିନ ଦଳଡ଼ିଆଁ ରାଜନୀତି କଟକରେ ଦେଖିବାକୁ ମିଳିଲାଣି, କିନ୍ତୁ ଏବେ ବି କେତେକ ଟାଣୁଆ ପୂର୍ବତନ କର୍ପୋରେଟରଙ୍କ ଉପରେ ନଜର ରହିଛି। ସେମାନେ ନିଜ ନିଜ ଦଳରେ ଅସନ୍ତୁଷ୍ଟ ହୋଇପଡ଼ିଥିବା ଜଣାପଡ଼ିଛି। ଏମାନେ ଦଳ ପରିତ୍ୟାଗ କରିବା ନେଇ ମଧ୍ୟ ଚର୍ଚ୍ଚା (ପୃଷ୍ଠା-୨)

# ମନୋଜ ନିର୍ବାଚିତ, ତିର୍ତ୍ତୋଲ୍‌ରେ ଖୁସିର ଲହରୀ

**ପାରାଦ୍ୱୀପ(ପ୍ରଦୀପ ଜେନା):-** ତିର୍ତ୍ତୋଲ୍ ବ୍ଲକ୍ ଅଧ୍ୟକ୍ଷ ହେଲେ ମନୋଜ ବେହେରା। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ସାଂସଦ ଡ. ରାଜଶ୍ରୀ ମଲ୍ଲିକଙ୍କ ବହୁ ଦିନର ଅପମାନର ନେଲେ ପ୍ରତିଶୋଧ ବୋଲି ଆଲୋଚନା ହେଉଛି। ଖବରରୁ ପ୍ରକାଶ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିଯାଇଛି। ତିର୍ତ୍ତୋଲ୍‌ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ସାମନ୍ତରାପୁର ପଞ୍ଚାୟତ ସମିତି ସଭ୍ୟ ମନୋଜ ବେହେରା ୧୨ ଖଣ୍ଡ ଭୋଟ ପାଇ ଅଧ୍ୟକ୍ଷ ପଦ ହାତେଇଛନ୍ତି। ଏହି ଅଧ୍ୟକ୍ଷ ଦୌଡରେ କନିମୂଳ ପଞ୍ଚାୟତ ସମିତି ସଭ୍ୟ ବସନ୍ତ ମହାପାତ୍ର ଓ ଗୋବିନ୍ଦପୁର କଂଗ୍ରେସ ସମିତି ସଭ୍ୟ ଦେବପ୍ରସାଦ ନାୟକ ପ୍ରତିଦ୍ୱନ୍ଦିତା କରୁଥିଲେ। ଉଭୟଙ୍କୁ ହାରିବାକୁ ପଡିଥିଲା। ଦେବପ୍ରସାଦ ନାୟକ ୧୦ ଖଣ୍ଡ ଓ ବସନ୍ତ ମହାପାତ୍ର ୭ ଖଣ୍ଡ ଭୋଟ ପାଇଥିଲେ। ଶେଷରେ ମନୋଜ ବେହେରା ଅଧ୍ୟକ୍ଷ ହେବା ପାଇଁ କଟକ ଭୁବନେଶ୍ୱରରେ ଚାଲିଥିଲା ଗୋଟିଚାଳନା। ତିର୍ତ୍ତୋଲ୍ ବିଧାୟକଙ୍କୁ ମାତ୍ ଦେଇ ପାରାଦ୍ୱୀପ ବିଧାୟକ ମାରିନେଲେ ବାଜି ବାପାର ରାଜନୈତିକ ପରମଶତ୍ରୁ ସାଥୀରେ ହାତ ମିଳାଇ ପୁଅ ମାରିନେଲେ ବାଜି, ଏପଟେ ୨୦୨୦ ଉପ ନିର୍ବାଚନ ସମୟରେ ମା-ପୁଅ ସମ୍ପର୍କ କରାଇ ବିଧାୟକ ୰ ବିଷ୍ଣୁ ଦାସଙ୍କ ସୁପୁତ୍ର ବିଜୟ ଶଙ୍କର ଦାସଙ୍କୁ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ତିର୍ତ୍ତୋଲ୍ ବିଧାୟକ ଭାବେ ଜିତାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ଏବେ ଆଉ ମା'-ପୁଅର ସମ୍ପର୍କ ନାହିଁ। ଚଳିତ ପଞ୍ଚାୟତ ସମିତି ନିର୍ବାଚନରେ ତିର୍ତ୍ତୋଲ୍ ବିଧାୟକଙ୍କୁ ଚକ୍ରବ୍ୟୁହରେ ପକାଇ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଓ ପାରାଦ୍ୱୀପ ବିଧାୟକ ସମ୍ବିତ୍ ରାଉତରାୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତକୁ ନେଇଥିବା ଆଲୋଚନା ହେଉଛି। ଆହୁରି କଥା ଉଠିଛି ଯେ, ୨୦୨୦ ଗତ ଉପ-ନିର୍ବାଚନ ସମୟରେ ତେନ୍ତୁଳିପଦାସ୍ଥିତ ମୁନିଗୋସାଁଇ ମଠ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ସାଂସଦ ଡ. ରାଜଶ୍ରୀ ମଲ୍ଲିକ ଉପସ୍ଥିତ ରହିଥିଲେ। ସହି ସଭାରେ ୰ ବିଷ୍ଣୁ ଦାସଙ୍କ ଖାସ୍ ଅନୁଗତ ବସନ୍ତ ମହାପାତ୍ର(ବଚ୍ଚୁ)ଙ୍କ ସମର୍ଥକମାନେ ବ୍ଲକ୍ ବିଜେଡି ସଭାପତି ପଦକୁ ନେଇ ଉପରୋକ୍ତ ନେତୃ ମଣ୍ଡଳୀଙ୍କୁ ଅପମାନ ଦେବା ସହିତ (ପୃଷ୍ଠା-୨)



## ଜଗତସିଂହପୁର ଜିଲ୍ଲାର ୮ ବ୍ଲକ୍‌ରେ ବିଜେଡି ଅଧ୍ୟକ୍ଷ

ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକ୍‌ରେ ବାଜିମାତ୍ କରିଛି ବିଜେଡି। ୮ଟି ଯାକ ବ୍ଲକ୍‌ରେ ବିଜେଡି ବ୍ଲକ୍ ଅଧ୍ୟକ୍ଷ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ବିରିଡି ବ୍ଲକ୍‌ରେ ପିନାକୀ ପ୍ରିୟଦର୍ଶିନୀ, ଜଗତସିଂହପୁରରେ କନକପ୍ରଭାବ ଲେଙ୍କା, ରଘୁନାଥପୁର ଲକ୍ଷ୍ମୀ ବେହେରା, ବାଲିକୁଦା ପ୍ରକାଶ ପ୍ରଧାନ, ନାଉଗାଁ କିଷ୍ଟା ଲେଙ୍କା, କୁଜଙ୍ଗ ନାରାୟଣୀ ସାହୁ, ଏରସମା ଲକ୍ଷ୍ମୀପ୍ରିୟା ମହାପାତ୍ର, ତିର୍ତ୍ତୋଲ୍ ମନୋଜ ବେହେରା ନିର୍ବାଚିତ ହୋଇଛନ୍ତି।

**ସାଂସଦ ରାଜଶ୍ରୀ ମଲ୍ଲିକ, ପୂ.ବିଧାୟକ ଦେବାଶିଷ ସାମନ୍ତରାୟ ଓ ପାରାଦ୍ୱୀପ ବିଧାୟକ ସମ୍ବିତ୍ ରାଉତରାୟ ତିର୍ତ୍ତୋଲ୍ ଅଧ୍ୟକ୍ଷ ମନୋଜ ବେହେରାଙ୍କ ବିଜୟରେ ବହୁତ ଖୁସିଥିବା କୁହାଯାଉଛି।**

# ବିରୋଧୀ ଭୂମିକା କଂଗ୍ରେସ ହରାଇବ !




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୫ଟି ରାଜ୍ୟରେ ଅନୁଷ୍ଠିତ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ଗୁରୁବାର ଦିନ ପ୍ରକାଶ ପାଇଛି। ଏହି ଫଳାଫଳକୁ ନିଜର କଲେ କଂଗ୍ରେସ ଯେ ଦୟନୀୟ ପରିସ୍ଥିତରେ ପରାଜିତ ହୋଇଛି ତାହା କାହାକୁ ଅଛପା ନାହିଁ। ହେଲେ ଏହି ନିର୍ବାଚନ ଫଳାଫଳ ପ୍ରକାଶ ପରେ ୨୦୧୯ରେ ଲୋକସଭାରେ ବିରୋଧୀଦଳର ମାନ୍ୟତା ହରାଇଥିବା କଂଗ୍ରେସ ଏବେ ରାଜ୍ୟସଭାରେ ବି ବିରୋଧୀ ଦଳର ମାନ୍ୟତା ହରାଇବାକୁ ଯାଉଛି। କହିରଖୁ କି ଚଳିତ ବର୍ଷ ରାଜ୍ୟସଭାର କିଛି ଆସନ ପଡିବାକୁ ଯାଉଛି। ଏଥିରେ ଅନେକ କଂଗ୍ରେସ ଲଭ ପ୍ରଦର୍ଶନ ନକରେ ତେବେ ଲୋକସଭା ପରେ ରାଜ୍ୟସଭାରେ ବି ବରୋଧୀଦଳର ମାନ୍ୟତା ହରାଇବାକୁ ଯାଉଛି । ସୂଚନା ଥାଉକି କଂଗ୍ରେସ ଥାଉକି କଂଗ୍ରେସ ପାଖରେ ୩୪ଜଣ ସାସଂଦ ରହିଛନ୍ତି। ସେପଟେ ୫ଟି ରାଜ୍ୟରେ କଂଗ୍ରେସର ଖରାପ ପ୍ରଦର୍ଶନ ଖରାପ ଦଳର ମାନ୍ୟତା ପାଇବାକୁ ହେଲେ ଗୋଟିଏ ଜାତୀୟ ରାଜନୈତିକ ଦଳପାଖରେ ସର୍ବନିମ୍ନ ୧୦ପ୍ରତିଶତ

## ଓଡ଼ିଶାରେ କାହିଁକି ଦେବେ ଭୋଟ ?

ଅନୁମାନ କରାଯାଉଛି କି ଏହି ସଂଖ୍ୟା ୨୭କୁ ଖସିପାରେ। ସମ୍ବିଧାନ ମୁତାବକ ଲୋକସଭା ହେଉ କି ରାଜ୍ୟସଭା ବିରୋଧ ଦଳର ମାନ୍ୟତା ପାଇବାକୁ ହେଲେ ଗୋଟିଏ ଜାତୀୟ ରାଜ୍ୟସଭା ବିରୋଧୀ ଆସନ ରହିବା ଆବଶ୍ୟକ ଏହାଫଳରେ ଦଳ ନିଜର ଜଣ ନେତାଙ୍କୁ ବେରୋଧୀ ଆସନରେ ବସାଇବାକୁ ଦାବି କରିପାରିବା ସେପଟେ ରାଜ୍ୟସଭାର ଅଧିକାରୀଙ୍କ ମୁତାବକ ରାଜ୍ୟସଭାରେ ବିରୋଧୀ ଦଳର ମାନ୍ୟତା ପାଇବାକୁ ହେଲେ ଏକ ରାଜନୈତିକ ଦଳପାଖରେ ସର୍ବନିମ୍ନ ୨୫ଜଣ ସାଂସଦ ରହିଥିବା ଦରକାର। ବର୍ତ୍ତମାନ କଂଗ୍ରେସର ରାଜ୍ୟ ସଭା ସାଂସଦ ମଲ୍ଲିକାର୍ଜୁନ ଖଡଗେ ରାଜ୍ୟ ସଭାରେ ବିରୋଧୀଦଳର ନେତା ରହିଛନ୍ତି। ସେପଟେ ପଞ୍ଜାବରେ ଆମ୍ ପାର୍ଟି ଏବେ ସରକାର କରିବାକୁ ଯାଉଛି ଓ ଦଳର ବିଧାୟକ ସଂଖ୍ୟା ମୁତାବକ ଏବେ ପଞ୍ଜାବରୁ ଆମ ଆଦମୀ ପାର୍ଟି ୭ଜଣ ସାଂସଦଙ୍କୁ ରାଜ୍ୟସଭା ପଠାଇ ପାରିବ।

# କଂଗ୍ରେସ ନେତୃତ୍ୱ କେବେ ଶିଖିବେ ନାହିଁ:ଅମରିନ୍ଦର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂହ ନିଜର ପୂର୍ବର ଦଳକୁ କଟାକ୍ଷ କରିଛନ୍ତି। ବିଧାନସଭା ନିର୍ବାଚନରେ କଂଗ୍ରେସ ଦୟନୀୟ ସ୍ଥିତି ନେଇ ତାକୁ ଦାୟୀ କରାଯାଇ ଥିବା ମାମଲାରେ ଜବାବ ଦେଇଛନ୍ତି। କହିଛନ୍ତି କଂଗ୍ରେସ ନେତୃତ୍ୱ କେବେ ଶିଖିବେ ନାହିଁ । ଏହା ସହ ସେ ପ୍ରଶ୍ନ ବି କରିଛନ୍ତି କି, ୟୁପିରେ କଂଗ୍ରେସର ଅପମାନଜନକ ହାରିବାକୁ ନେଇ କିଏ ଦାୟୀ ?କ୍ୟାପଟେନ୍ ଟ୍ୱିଟ୍ କରି କହିଛନ୍ତି, କଂଗ୍ରେସ ନେତ୍ୱତ୍ୱ କେବେ ଶିଖିବେ ନାହିଁ ୟୁପିରେ ଅପମାନଜନକ ଭାବେ ପରାଜୟକୁ ନେଇ କିଏ ଦାୟୀ ? ମଣିପୁର ଗୋଆ ଉତ୍ତାରଖଣ୍ଡ ବିଷୟରେ କଣ ହେଲା ? ଉତ୍ତର କାନ୍ଥରେ ବଡ ବଡ ଅକ୍ଷରରେ ଲେଖା ଯାଇଛି ହେଲେ ସବୁବେଳେ ପରି ମୋତେ ଲାଗୁଛି କି ସେମାନେ ଏହାକୁ ପଢିବେ ନାହିଁ । ଏଡିଇ ଦେବେ । ସୂଚନା ଯେ, କ୍ୟାପଟେନ୍ ଅମରିନ୍ଦର ସିଂହ ପଞ୍ଜାବ କଂଗ୍ରେସ ଅଧ୍ୟକ୍ଷ ନଭଜୋତ ସିଂହ ସିଦ୍ଧୁଙ୍କ ସହ ମତଭେଦ ପରେ ଗତ ବର୍ଷ ଶେଷରେ କଂଗ୍ରେସ ଦଳ ଛାଡି ଦେଇଥିଲେ ଏହା ପୂର୍ବରୁ ପାର୍ଟି ତାଙ୍କୁ ସିଏମ ପଦରୁ ହଟେଇ ସାରିଥିଲା କଂଗ୍ରେସ ଛାଡିବା ପଞ୍ଜାବ କଂଗ୍ରେସ ଅଧ୍ୟକ୍ଷ




ନଭଜୋତ ସିଂହ ସିଦ୍ଧୁଙ୍କ ସହ ମତଭେଦ ପରେ ଗତ ବର୍ଷ ଶେଷରେ କଂଗ୍ରେସ ଦଳ ଛାଡି ଦେଇଥିଲେ। ଏହା ପୂର୍ବରୁ ପାର୍ଟି ତାଙ୍କୁ ସିଏନ ପଦରୁ ହଟେଇ ସାରିଥିଲା କଂଗ୍ରେସ ଛାଡିବା ପରେ କ୍ୟାପଟେନ୍ ନିଜ ନୂଆ ପାର୍ଟି ପଞ୍ଜାବ ଲୋକ କଂଗ୍ରେସ ଗଢିଛନ୍ତି। ପଞ୍ଜାବ ଲୋକ କଂଗ୍ରେସ ଓ ବିଜେପିକ ଗଠବନ୍ଧନ କରି ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। କ୍ୟାପଟେନ ଅମରିନ୍ଦର ପଟିଆଲା ସହରି ସିଟ୍‌ରୁ ମୈଦାନରେ ଥିଲେ, କିନ୍ତୁ ତାଙ୍କୁ ମଧ ପରାଜୟର ସାମନା କରିବାକୁ ପଡିଛି । ସହଯୋଗୀ ବିଜେପି ୧୧୭ବିଧାବସଭା ସିଟ୍ ରୁ କେବଳ ୨ଟି ସିଟ୍ ରେ ବିଜୟ ହାସଲ କରିବାରେ ସଫଳ ହୋଇଛି। ନିର୍ବାଚନୀ ଫଳାଫଳ ଆସିବା ପରେ କଂଗ୍ରେସ ରଷ୍ଟ୍ରୀୟ ପ୍ରବକ୍ତା ରଣଦୀପ୍ ସିଂହ ସୁରଜେଓାଲା ଦାବି କରିଥିଲେ କି କ୍ୟାପଟେନ୍ ଅମରିନ୍ଦର ସିଂହଙ୍କ ୪.୫ବର୍ଷର କ୍ଷମତା ବିରୋଧୀ ଲହର କାରଣରୁ ଦଳକୁ ହାରିବାର ସାମନା କରିବାକୁ ପଡିଲା ଏଥିପାଇଁ ଲୋକେ ପରିବର୍ତ୍ତନ ପାଇଁ ଆମ୍ ଆଦମୀ ପାର୍ଟିକୁ ଭୋଟ ଦେଲେ। ଆଉ ସେଠାରେ ଚରଣଜିତ ସିଂହ ଚନ୍ନିଙ୍କର ଯାଦୁ କାମ କଲା ନାହିଁ।

# ଭାଜପାକୁ ଭୋଟ ଦେଇଛନ୍ତି ମନମୋହନ -ମୁଲାୟମ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାଜପାକୁ ଭୋଟ ଦେଇଛନ୍ତି ମନମୋହନ ସିଂ ଏବଂ ମୁଲାୟମ ସିଂ କଥାଟା ଅଡୁଆ ଲାଗୁଥିଲେ ହେଁ ସତ ତେବେ ଆମେ ଏଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସ ନେତା ମନମୋହନ ସିଂ କିମ୍ବା ୟୁପିର ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବଙ୍କ କଥା କହୁନାହୁଁ ଏଠାରେ ଯେଉଁ ମନମୋହନ ଏବଂ ମୁଲାୟମଙ୍କ କଥା କହାଯାଇଛି ସେମାନେ ଉତ୍ତରପ୍ରଦେଶ ଆମ୍ବେଦ୍‌କର ନଗର ଜିଲ୍ଲାର ଜଲାଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହାଇଦରାବାଦ ଗ୍ରାମର ଚାଷୀ ମିଥାଇ ଲାଲ୍ ୫୭ଙ୍କ ଦୁଇପୁଆ ବର୍ତ୍ତମାନ ର ରାଜନୀତି ଲୋକମାନଙ୍କୁ ସବୁ ପ୍ରସଙ୍ଗରେ




ପରସ୍ପରଠାରୁ ଅଲଗା କରିଦେଉଥିବାବେଳେ ମିଥାଇଲାଲ୍‌ଙ୍କ ପରିବାରରେ ବିଭିନ୍ନ ଦଳର ରାଜନେତାମାନେ ରହି ଶାନ୍ତି ଓ ସଦ୍ ଭାବନାରେ ବାସ୍ତବ ବାର୍ତ୍ତା ଦେଉଛନ୍ତି। ମିଥାଇ ତାଙ୍କ ୭ପିଲାଙ୍କ ନାମ ମୁଲାୟମ ସିଂ କଲ୍ୟାଣ ସିଂ , ରାଜନାଥ ସିଂ, ବାଲ୍ ଠାକ୍ ରେ ଜୈଲ୍ ସିଂ, ମନମୋହନ ସିଂ ଏବଂ ଝିଅଙ୍କ ନାଁ ଜୟଲଲିଥା ରଖିଛନ୍ତି। ସମସ୍ତଙ୍କ ନାମ ଦେଶର ଜଣାଶୁଣା ରାଜନେତାଙ୍କ ନାମରେ ନାମିତ କରିଛନ୍ତି । ସମାଜରେ ତାଙ୍କ ପିଲାମାନଙ୍କୁ ସେମାନଙ୍କ ଭଳି ଉଚ୍ଚ ସମ୍ମାନ ମିଳିବା ଲକ୍ଷ୍ୟ ଦେଇ ସେ ଏଭଳି ଏକ ନିଆରା ବାଟ ଆପଣାଇଥିବା କହିଛନ୍ତି।

# ଆଇଆର୍‌ଡିଏଆଇର ନୂଆ ଅଧ୍ୟକ୍ଷ ଦେବାଶିଷ ପଣ୍ଡା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡିଶାରେ ଜନ୍ମ ଗ୍ରହଣ କରିଥିବା ଆଇଏଏସ୍ ଅଧିକାରୀ ଦେବାଶିଷ ପଣ୍ଡାଙ୍କୁ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ଏଥି ସହିତ ଆର୍ଥିକ ଜଗତର ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ମୁଖ୍ୟ ପଦରେ ଅବସ୍ଥାପିତ ହୋଇଥିବା ଓଡିଆଙ୍କ ତାଲିକା ବୃଦ୍ଧି ପାଇଛି ।ଭାରତୀୟ ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର ଭାବେ ଓଡିଶାର ଶକ୍ତିକାନ୍ତ ଦାସ କାର୍ଯ୍ୟ କରୁଥିବା ବେଳେ ମାଇଲେକ୍ ଦେବବ୍ରତ ପାତ୍ର ଗଭର୍ଣ୍ଣର ଭାବେ କାର୍ଯ୍ୟ କରୁଛନ୍ତି । ୧୯୮୭ବ୍ୟାଚ୍ ର ଉତ୍ତରପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ଶ୍ରୀ ପଣ୍ଡା ଚଳିତ ଜାନୁଆରିରେ ଆର୍ଥିକ ସେବା ସଚିବ ପଦରୁ ଅବସର ଗ୍ରହଣ କରିଥିଲେ। ଏହି ପଦରେସେ ଦୁଇ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଆଇଆର୍‌ଡିଏଆଇ ହେଉଛି ବୀମା ଶିଳ୍ପର ନିୟାମକ ସଂସ୍ଥା ପଲିସିଧାରକମାନଙ୍କ ସ୍ୱାର୍ଥ ରକ୍ଷା ସମେତ ବୀମା କଂପାନିଗୁଡିକ ସ୍ୱଚ୍ଛତା ଓ ନିୟମ ପାଳନ ଉପରେ ଆଇଆରିଡିଏଆଇ ନଜର ରଖିଥାଏ। କେନ୍ଦ୍ର ସରକାରଙ୍କ ପାଇଁ ଅର୍ଥ ସେବା ସଚିବ ଭାବେ କାର୍ଯ୍ୟ କରିବା ପୂର୍ବରୁ ଶ୍ରୀ ପଣ୍ଡା ଅତିରିକ୍ତ ସଚିବ ଦାୟିତ୍ୱରେ ଥିବା ବେଳେ ବୀମା ଏବଂ ଆର୍ଥିକ



ଅନ୍ତର୍ଭୁକ୍ତୀକରଣ ବିଭାଗର କରୁଥିଲେ । ଆଇଆରିଡିଏଆଇରେ ସେ ସରକାରଙ୍କ ମନୋନୀତ ନିର୍ଦ୍ଦେଶକ ଭାବେ ମଧ କାର୍ଯ୍ୟ କରିଛନ୍ତି । ବହୁ ସରକାରୀ ବ୍ୟାଙ୍କ ଓ ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ଦେଖାଶୁଣା କରୁଥିଲେ। ଆଇଆରଡିଏଆଇରେ ସେ ସରକାରଙ୍କ ମନୋନୀତ ନିର୍ଦ୍ଦେଶକ ଭାବେ ମଧ କାର୍ଯ୍ୟ କରିଛନ୍ତି। ବହୁ ସରକାରୀ ବ୍ୟାଙ୍କ ଓ ବୀମା କଂପାନିର ବୋର୍ଡରେ ସେ କାର୍ଯ୍ୟ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କର ବୋର୍ଡରରେ ମଧ ସେ ଥିଲେ । ଉତ୍ତରପ୍ରଦେଶରେ ସେ ପ୍ରମୁଖ ସଚିବ, ଗହ୍ନକୃଷି ଓ ସମନ୍ୱୟ ବିଭାଗ ରେସିଡେଣ୍ଟ କମିସନରେ ଓ ଗ୍ରେଟରେ ନୋଏଡା କର୍ତ୍ତୃପକ୍ଷର ସିଇଓ ଭାବେ କାର୍ଯ୍ୟ କରିଥିଲେ । ଏହା ବ୍ୟତୀତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଯୁଗ୍ମ ସଚିବ, ଗହ୍ନ, କୃଷି ଓ ସମନ୍ୱୟ ବିଭାଗ , ରେସିଡେଣ୍ଟ କମିସନର ଓ ଗ୍ରେଟର ନୋଏଡା କର୍ତ୍ତୃପକ୍ଷର ସିଇଓ ଭାବେ କାର୍ଯ୍ୟ କରିଥିଲେ ।ଏହା ବ୍ୟତୀତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏବଂ ଏମସ-ନୂଆଦିଲ୍ଲୀରେ ଡେପୁଟି ଡାଇରେକ୍ଟର ଭାବେ ମଧ ସେ କାର୍ଯ୍ୟ କରିସଛନ୍ତି। ଶ୍ରୀ ପଣ୍ଡାଙ୍କ ପୂର୍ବରୁ ସୁଭାଷ ଶେଖର ଖୁଣ୍ଟିଆ ଆଇଆର୍‌ଡିଏଆଇର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଗତବର୍ଷ ମେ ରେ ସେ ଅବସର ଗ୍ରହଣ କରିବା ପରଠାରୁ ଏହି ପଦ ୯ମାସ ଧରି ଖାଲି ପଡିଥିଲା ତାଙ୍କ ସ୍ଥାନରେ ଶ୍ରୀ ପଣ୍ଡା କାର୍ଯ୍ୟ କରିବେ । ତିନି ବର୍ଷ ପାଇଁ ତାକୁ ଏହି ପଦରେ ନିଯୁକ୍ତି ଦିଆଯାଇଛି । ୨୦୨୧ଏପ୍ରିଲରେ ଖାଲି ପଦ ପୂରଣ କରିବା ଲାଗି ଆବେଦନ ଆହ୍ୱାନ କରଯାଇଥିଲାଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡର ମୁଖ୍ୟ ପଦ ଦୌଡରେ ମଧ ଦେବାଶିଷଙ୍କ ନାମ କିନ୍ତୁ ସେହି ପଦ ମାଧବୀ ପୁରୀ ବୁଚ୍‌ଙ୍କୁ ମିଳିଥିଲା।

# କଟକ ବଡ଼ମେଡ଼ିକାଲ୍‌ରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା

**କଟକ(ସଂପର୍କବାର୍ତ୍ତା):-** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ ଯକୃତ ରୋଗ ବିଭାଗ (ହେପାଟୋଲୋଜି ବିଭାଗ)ରେ ଜାତୀୟ ହେପାଟାଇଟିସ ଟୀକାକରଣ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଚିକିତ୍ସକ ମାନଙ୍କ ପ୍ରଶିକ୍ଷଣ କର୍ମଶାଳା ଉଦଘାଟନ ହୋଇଯାଇଛି। ବିଶିଷ୍ଟ ଲିଭର ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତା ଏହାକୁ ଉଦ୍‌ଘାଟନ କରିଥିଲେ। ଚଳିତ ମାର୍ଚ୍ଚ ୯ରୁ ୧୧ ଓ ମାର୍ଚ୍ଚ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରୁ ୬୦ଜଣ ଚିକିତ୍ସକ ଭାଇରାଲ ହେପାଟାଇଟିସର ଚିକିତ୍ସା ଓ ନିରାକରଣ ବିଷୟରେ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଲାଭ କରିବେ। ସୂଚନାଥାଉକି ହେପାଟୋଲୋଜି ବିଭାଗର ତତ୍ତ୍ୱାବଧାନରେ ହେପାଟାଇଟିସ ବି ଓ ହେପାଟାଇଟସି - ସି ରୋଗର ମାଗଣା ନିଦାନ ଓ ଚିକିତ୍ସା ଦୀର୍ଘ ପାଞ୍ଚ ବର୍ଷ ଧରି ଚାଲିଆସୁଛି। ଏହି ବିଭାଗରରେ ମାଗଣା ଫାଇବ୍ରୋ ସ୍କାନ ପରୀକ୍ଷା ସହ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ହେପାଟାଇଟିସ ସମ୍ପର୍କିତ ସମସ୍ତ ମାଗଣା ପରୀକ୍ଷା ଓ ଔଷଧପତ୍ର ବିତରଣ କରାଯାଉଛି। କେବଳ ଓଡ଼ିଶା ନୁହେଁ ପୂର୍ବ ଭାରତର ବିଭିନ୍ନ ରାଜ୍ୟର ଅନେକ ରୋଗୀ ପ୍ରତିଦିନ ଏହି ବିଭାଗକୁ ଉଚ୍ଚ ଚିକିତ୍ସା ପାଇଁ ଆସୁଛନ୍ତି। ଏହି କାର୍ଯ୍ୟକ୍ରମରେ ହେପାଟୋଲୋଜି ବିଭାଗର ଡାକ୍ତର ସନାତନ ବେହେରା, ଡାକ୍ତର ସୁଶାନ୍ତ କୁମାର ଜେନା, ଡାକ୍ତର ମାନସ କୁମାର ବେହେରା, ଡାକ୍ତର ମନୋଜ କୁମାର ପାଣି, ଡାକ୍ତର ବନ୍ଦନା ତାଲୁକଦାର, ଡାକ୍ତର ରୀତ ରୋହିଣୀ, ଡାକ୍ତର ଶିବମ ବାଜପେୟୀ, ଡାକ୍ତର ବିବେକ ପ୍ରକାଶ, ଡାକ୍ତର ଅରୂପମ ମହାପାତ୍ର, ଡାକ୍ତର ପ୍ରବୀର ମାଝୀ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପବ୍ଲିକ ହେଲଥର ନିର୍ଦ୍ଦେଶିକା ଡାକ୍ତର ପ୍ରମିଳା ବରାଳ, ଡେସିନୋଲ ଡାଇରେକ୍ଟର ଡାକ୍ତର ଅଶୋକ ପଟ୍ଟନାୟକ ମଧ ଏହି ପ୍ରଶିକ୍ଷଣରେ ଯୋଗ ଦେଇଥିଲେ। ସମସ୍ତ ଚିକିତ୍ସକ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସବଡିଭିଜିନାଲ ଚିକିତ୍ସାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ଓ ମାର୍ଗଦର୍ଶନ ପାଇଁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ ଡାକ୍ତର ବନ୍ଦନା ତାଲୁକଦାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ମା'...

ନିଜ ମାଆଙ୍କ ସହ ବସି ଭୋଜନ କରିଛନ୍ତ ପ୍ରଧାନମନ୍ତ୍ରୀ ମୋଦୀ। ଏହା ପୂର୍ବରୁ ଦୁଇ ଦିନିଆ ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ଗୁଜରାଟରେ ରୋଡ ଶୋ କରିଥିଲେ। ଫୁଲରେ ସଜ୍ଜିତ ଗାଡିରେ ପ୍ରଧାନମନ୍ତ୍ରୀ ରେଗୁଆ ରଙ୍ଗର ଟୋପିରେ ନଜର ଆସିଥିଲେ ରୋଡ ଶୋ ସମୟରେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଶହ ଶହ ସମର୍ଥକୁ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଦୁଇ ଦିନିଆ ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ଗୁଜରାଟରେ ରୋଡ ଶୋ କରିଥିଲେ। ଫୁଲରେ ସଜ୍ଜିତ ଗାଡିରେ ପ୍ରଧାନମନ୍ତ୍ରୀ ରେଗୁଆ ରଙ୍ଗରେ ନଜର ଆସିଥିଲେ ରୋଡ ଶୋ ସମୟରେ ରାସ୍ତର ଦୁଇ ପାର୍ଶ୍ୱରେ ଥିବା ଶହ ଶହ ସମର୍ଥକଙ୍କୁ ହାତ ହଲାଇ ଅଭିବାଦନ ଗ୍ରହଣ କରିଥିଲେ। ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏବଂ ରାଜ୍ୟ ବିଜେପି ଅଧ୍ୟକ୍ଷ ସି.ଆଇ .ପାଟିଲ ମଧ ପ୍ରଧାନମନ୍ତ୍ରୀଙ୍କ ସହ ରୋଡ ଶୋରେ ଉପସ୍ଥିତରେ ରହିଥିଲେ ।ପ୍ରଧାନମନ୍ତ୍ରୀଙ୍କ ଏହି ରୋଡ ଶୋକୁ ଗୁଜରାଟ ବିଧାନସବା ନିର୍ବାଚନ ପାଇଁ ଦଳର ପ୍ରଚାର ରୁପେ ଦେଖାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଡିସେମ୍ବର ମାସରେ ଗୁଜରାଟ ବିଧାନସଭା ପାଇଁ ମତଦାନ ହେବ।

### ୫ ରାଜ୍ୟରେ...

ବିଜେପିର ମୁଖ୍ୟ ବିରୋଧୀ ସମାଜବାଦୀ ପାର୍ଟି ଏଥର ୩୪୭ଟି ସ୍ଥାନରେ ପ୍ରାର୍ଥୀ ଛିଡା କରିଥିଲା। ଏମାନଙ୍କ ମଧ୍ୟରୁ ୬ଜଣ ଅମାନତ ହରାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଜେପିର ସହଯୋଗୀ ଆପନା ଦଳ ଓ ନିଶାଦ ପାର୍ଟିର କୌଣସି ପ୍ରାର୍ଥୀ ଅମାନତ ହରାଇ ନାହାଁନ୍ତି। ସମାଜବାଦୀ ପାର୍ଟି ସହ ମେଣ୍ଟ କରିଥିବା ଏସ୍‌ବିଏସ୍‌ପି ଓ ଆପନା ଦଳ(କାମେରାୱାଡି) ମିଳିତ ଭାବେ ୨୫ଟି ସ୍ଥାନରେ ପ୍ରାର୍ଥୀ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮ଜଣ ପ୍ରାର୍ଥୀ ଅମାନତ ହରାଇଛନ୍ତି। ସେହିପରି ଆର୍‌ଏଲ୍‌ଡି ୩୩ଟି ସ୍ଥାନରେ ନିର୍ବାଚନ ଲଢୁଥିବା ବେଳେ ୩ଟି ସ୍ଥାନରେ ଅମାନତ ହରାଇଛନ୍ତି। ମୋଟାମୋଟି କହିବାକୁ ଗଲେ ୟୁପିର ୪୪୪୨ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ୮୦% ବା ୩୫୨୨ଜଣ ପ୍ରାର୍ଥୀ ନିର୍ବାଚନରେ ଅମାନତ ହରାଇଛନ୍ତି।

### ମନୋଜ...

ଦୁର୍ବ୍ୟବହାର କରିଥିଲେ। ତାହାର ବଦ୍‌ଲା ନେଇଥିବା ଏକ ପ୍ରକାର ଛକ ବଜାରରେ ଆଲୋଚନା ହେଉଛି। ତିର୍ତ୍ତୋଲ୍ ବ୍ଲକ୍ ବିଜେଡି ସମର୍ଥିତ ଅଧିକ ସମିତି ସଭ୍ୟ/ସଭ୍ୟା ଜିତିଥିବା ବେଳେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ଦୁଇଟି ପଞ୍ଚାୟତରେ ବିଜେଡି ସମର୍ଥିତ ସମିତି ସଭ୍ୟ ଜିତିଥିଲେ। ପାରାଦ୍ୱୀପ ବିଧାୟକଙ୍କ ଚତୁର ଗୋଟିଚାଳନା ପାଇଁ ଓ ଦଳ ଭିତରେ ଅନ୍ତଃକନ୍ଦଳ ପାଇଁ ଅଧ୍ୟକ୍ଷ ପଦରୁ ବିଧାୟକ ସମ୍ବିତ୍ ରାଉତରାୟ ହାତେଇ ପାରିଛନ୍ତି। ଯାହା ସମଗ୍ର ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ପାଲଟିଛି। ମନୋଜ ବେହେରାଙ୍କ ଜିତିବା ପଛରେ ପୂ. ବିଧାୟକ ଦେବାଶିଷ ସାମନ୍ତରାୟ, ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟଙ୍କ ପ୍ରଚେଷ୍ଟା ଥିବାରୁ ଏହା ସମ୍ଭବ ହୋଇପାରିଛି ବୋଲି ବ୍ଲକ୍ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହା ସହିତ ତିର୍ତ୍ତୋଲ୍‌ର ବହୁ ଭେଟେରାନ୍ ନେତାମାନେ ଲାଗିପଡି ମନୋଜଙ୍କୁ ଅଧ୍ୟକ୍ଷ ପଦରେ ଜିତାଇବାରେ ପ୍ରମୁଖ ଭୂମିକା ରହିଛି। ତିର୍ତ୍ତୋଲ୍‌ର ବହୁ ବଡ ବଡ ନେତା ଚାହୁଁନଥିଲେ ଯେ, ବସନ୍ତ ମହାପାତ୍ର ବ୍ଲକ୍ ଅଧ୍ୟକ୍ଷ ନ ହୁଅନ୍ତୁ। ଯଦି ବସନ୍ତ ମହାପାତ୍ର ବ୍ଲକ୍ ଅଧ୍ୟକ୍ଷ ହେବେ ତାହେଲେ ତାଙ୍କର ଏକଚାଟିଆ ଶାସନ ଚାଲିବା ସହିତ ତାଙ୍କ ସମର୍ଥକମାନେ ଅନ୍ୟମାନଙ୍କୁ ବ୍ଲକ୍ ଭିତରକୁ ପ୍ରବେଶ ନିମନ୍ତେ ବାଧା ସୃଷ୍ଟି କରିବେ ଓ ଅଫିସ୍‌ରଙ୍କ ଜିନାହାରାମ କରିଦେବେ ବୋଲି ଆଲୋଚନାର ବିଷୟ ହେଉଛି। ତିର୍ତ୍ତୋଲ୍ ଅଧ୍ୟକ୍ଷ ପଦ କିଏ ହାତେଇବ ଦୀର୍ଘଦିନର କଳ୍ପନାଜଳ୍ପନାର ଅନ୍ତ ଘଟାଇ ମନୋଜ ବେହେରା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇପାରିଛନ୍ତି। ମନୋଜ ବେହେରା ଅଧ୍ୟକ୍ଷ ହେବା ପରେ ସମଗ୍ର ତିର୍ତ୍ତୋଲ୍ ଅଞ୍ଚଳରେ ଏକ ପ୍ରକାର ଖୁସିର ଲହରୀ ଖେଳିଯାଇଥିବା ଲକ୍ଷ୍ୟ କରାଯାଉଛି।

### ଦଳରୁ...

ହୋଇଆସୁଛି। କର୍ପୋରେଟର ସହ ମେୟର ନିର୍ବାଚନ ଏକ ସମୟରେ ହେଉଥିବାରୁ ବିଭିନ୍ନ ୱାର୍ଡ଼ରେ ବିଦ୍ରୋହୀ ପ୍ରାର୍ଥମୀାନ କଣ୍ଟା ସାଜିଛନ୍ତି। ତେବେ ଏମାନେ ମଇଦାନରୁ ଆଜିସୁଦ୍ଧା ଓହରି ନଥିବାରୁ ରାଜନୀତି ସମୀକରଣ ଏଥିପାଇଁ ବଦଳିଯିବାର ସମ୍ଭାବନାକୁ ଏଡ଼ା ନ ଯାଇପାରେ। ବିଶେଷକରି ନିଜ ନିଜୱାର୍ଡ଼ ଅଞ୍ଚଳରେ ଏହି ପ୍ରାର୍ଥୀଙ୍କ ଲୋକପ୍ରିୟତା ରହିଥିବା କାରଣରୁ ଏମାନେବି ସମୀକରଣ ବଦଳାଇବାକୁ ସକ୍ଷମ ହେବେ ଏଥିରେ ସନ୍ଦେହ ନାହିଁ।

# ଶ୍ରୀ ଅରବିନ୍ଦ ପୁର୍ନାଙ୍ଗ ଶିକ୍ଷା କେନ୍ଦ୍ର ଛାତ୍ର ବୃତ୍ତି ପରୀକ୍ଷାରେ କୃତିତ୍ୱ



**ରଘୁନାଥପୁର(ସଂପର୍କବାର୍ତ୍ତା):-** ଅରେଇକଣା ଶ୍ରୀ ଅରବିନ୍ଦ ପୁର୍ନାଙ୍ଗ ଶିକ୍ଷାକେନ୍ଦ୍ରର ତୃତୀୟ ଶ୍ରେଣୀ ଛାତ୍ର ଅଂଶୁମାନ ଦ୍ୱିବେଦୀ ବୃତ୍ତି ପରୀକ୍ଷାରେ ୨ୟ ସ୍ଥାନ ଅଧିକାରୀ ବିଦ୍ୟାଳୟର ଗୌରବ ଆଣିଛନ୍ତି। ତାଙ୍କ ପିତା ରେଢୁଆ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମଚନ୍ଦ୍ର ଦ୍ୱିବେଦୀ, ମାତା ଜ୍ୟୋତିମିତ୍ରା ପତି ଓ ଗୁରୁଙ୍କ ଆଶୀର୍ବାଦକୁ ସେ ଏହି ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି ବୋଲି ଅଂଶୁମାନ କହିଛନ୍ତି।

# ଆମେରିକା ରଷ୍ଟ୍ରପତିଙ୍କ ଚେତାବନୀ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ରୁଷ ବିରୋଧରେ ବାଇଡେନ୍‌ଙ୍କ ନୂଆ ଆର୍ଥିକ ପ୍ରତିବନ୍ଧକ। ରୁଷିଆରେ ଆଲକୋହଲ୍ ସି ଫୁଡ୍ ଓ ହୀରା ଆମଦାନୀ ଉପରେ କଟକଣା ଲଗାଇବ ଆମେରିକା ସମସ୍ତ ରୁଷ ବ୍ୟବସାୟୀଙ୍କ ଉପରେ ଲାଗିବ ପ୍ରତିବନ୍ଧକ। ଘୋଷଣା କଲେ ଜୋ ବାଇଡେନ୍ ଆମେରିକା ଓ ଜି- ୭ରାଷ୍ଟ୍ରମାନେ ମୋଷ୍ଟ ଫେଭର୍ଡ ନେସନ୍ ତାଲିକାରୁ ରୁଷିଆର ବାଦ ଦେବେ। ରସାୟନିକ ଅସ୍ତ୍ର ବ୍ୟବହାର କଲେ ରୁଷ୍ କୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି କହିଛନ୍ତି ବାଇଡେନ୍ ଅନ୍ୟପଟେ ବାଇଡେନ୍ କହିଛନ୍ତି ୟୁକ୍ରେନ ଯୁଦ୍ଧ ଲଢିବା ନାହିଁ ନାଟୋ କିନ୍ତୁ ନାଟୋର ପ୍ରତି ଇଂଚକୁ ସୁରକ୍ଷା ଦିଆଯିବ। ନାଟୋ ଓ ରୁଷ୍ ମୁହାଁମୁହିଁ ହେଲେ ତୃତୀୟ ବିଶ୍ୱଯୁଦ୍ଧ ହେବ ବୋଲି ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି।

# କୋଭୋଭାକ୍ସକୁ ଡିସିଜିଆଇ ର ଅନୁମୋଦନ, ୧୨-୧୭ବର୍ଷ ପିଲାଙ୍କୁ ମିଳିବ ଟିକା




**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଟିକା କୋଭୋଭାକ୍ସକୁ ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆର ଜରୁରୀକାଳୀନ ବ୍ୟବହାର ଅନୁମୋଦନ ମିଳିଛି। ମଙ୍ଗଳବାର ଦିନ ଏସଆଇ ଆଇ ଅନୁମୋଦନ ପାଇଁ ଡିସିଜିଆଇ କୁ ଅନୁମୋଦନ ପଠାଇଥିଲା ସେରନ୍ ଇନଷ୍ଟିଚ୍ୟୁଟ୍ ମୁଖ୍ୟ ଆଦର ପୁନାଓାଲା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୧୨-୧୭ ବର୍ଷ ବୟସର ପିଲାମାନଙ୍କ ଉପରେ ଜରୁରୀକାଳୀନ ବ୍ୟବହାର ପାଇଁ ଡିଜିସିଆଇ କୋଭୋଭ୍ୟାକ୍ସର ସର୍ତ୍ତମୂଳକ ଅନୁମୋଦନ ଲାଭ କରିଛି ଖୁବ୍ ଶୀଘ୍ର ଛୋଟ ପିଲାମାନଙ୍କ ପାଇଁ କୋଭୋଭ୍ୟାକ୍ସର ସର୍ତ୍ତମୂଳକ ଅନୁମୋଦନ ଲାଭ କରିଛି ଖୁବ୍ ଖୁବ ଶୀଘ୍ର ଛୋଟ ପିଲାମାନଙ୍କ ପାଇଁ କୋଭୋଭ୍ୟାକ୍ସର ଅନୁମୋଦନ ନିଆଯିବ। ପୁନାୱାଲା କହିଛନ୍ତି ଯେ ବିଶ୍ୱସ୍ତରୀୟ ପରୀକ୍ଷଣରେ ନୋଭାଭାକ୍ସ ୨୦ପ୍ରତିଶତରୁ ଅଧିକ ପ୍ରଭାବଶାଳି ବୋଲି ଜଣାପଡିଛି।


RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା
SAMPARK BARTA

ODIA WEEKLY

ମାର୍ଚ୍ଚ ୧୪ ରୁ ୨୦, ୨୦୨୨, ଜଗତସିଂହପୁର
March 14 to 20, 2022, Jagatsinghpur

www.samparkabarta.in




## ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ

# ଜିଲ୍ଲାପାଳ ସଂଗ୍ରାମ ମହାପାତ୍ରଙ୍କୁ ଦେଲେ ଦାବିପତ୍ର





**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୧୯୯୩ରେ ଖୋର୍ଦ୍ଧା ସତନ୍ତ୍ର ଜିଲ୍ଲା ମାନ୍ୟତା ପାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହାର ବିକାଶ ଭୁବନେଶ୍ୱର ମହାନଗର ନିଗମର ଛାଇରେ ହଜିଯାଇଛି । ସତନ୍ତ୍ର ଜିଲ୍ଲା ଓ ଜିଲ୍ଲାର ସଦର ମହକୁମା ହେବା ପରେ ଯେଉଁଭଳି ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା ସେଭଳି ହୋଇନାହିଁ। ଏଣୁ ଖୋର୍ଦ୍ଧା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଢାଂଚାରେ ଏକ ସତନ୍ତ୍ର ଉନ୍ନୟନ କର୍ତ୍ତୃପକ୍ଷ କରିବା ପାଇଁ ଦାବି କରାଯାଇଛି। ଆଜି ଅପରାହ୍ନ ପ୍ରାୟ ଗୋଟିଏ ବେଳେ ସହରର ବରିଷ୍ଠ ନାଗରିକ, ଆଇନଜୀବୀ , ମାନ୍ୟଗଣ୍ୟ ବ୍ୟକ୍ତି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଭେଟି ଏନେଇ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ର ସମ୍ପର୍କରେ ଆଇନଜୀବୀ ସତ୍ୟ ରଂଜନ ଲାଲା କହିଛନ୍ତି ଯେ ସତନ୍ତ୍ର ଜିଲ୍ଲା ହେବା କାର୍ଯ୍ୟାଳୟ ଖୋର୍ଦ୍ଧାରେ ରହିଛି କିନ୍ତୁ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ବର୍ତମାନ ମଧ ଭୁବନେଶ୍ୱର ରେ ରହିଛି। ସହରରେ ବିକାଶ ମଧ ବ୍ୟବସ୍ଥିତ ଢଙ୍ଗରେ ହୋଇ ପାରୁନାହିଁ । ଗୃହନିର୍ମାଣ, ରାସ୍ତାଘାଟ ଆଦିର ଯୋଜନା ପାଇଁ ଭୁବନେଶ୍ୱର ଉପରେ ହିଁ ନିର୍ଭର କରିବାକୁ ପଡୁଛି। ରାଜ୍ୟ ସରକାର ବାର୍ଷିକ ୨କୋଟି ଟଙ୍କା ଦେଉଥିବା ବେଳେ ଖୋର୍ଦ୍ଧାର ବିକାଶ ବିଡିଏର ନାଲିଫିତାରେ ବାନ୍ଧି ହୋଇ ରହିଛି। ସହରର ଜନସଂଖ୍ୟାରେ ବୃଦ୍ଧି ସହ ଘରଦ୍ୱାର , ଗାଡିମୋଟର ଓ ଭିତ୍ତିଭୂମିର ଆବଶ୍ୟକତା ମଧ ବଢିଛି। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ପାଇଁ ଏକ ସତନ୍ତ୍ର ପାଇଁ ଏକ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିବାର ନିହାତି ଆବଶ୍ୟକତା ସୃଷ୍ଟି ହୋଇଛି। ଆଜି ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳସଚିବ ଡ ନାରାୟଣ ରାଓ, ଉମାଶଙ୍କର ପ୍ରସାଦ, ଆଇନଜୀବୀ ପ୍ରଫୁଲ୍ଲ ଦାସ ,ଅମିତ ବକ୍ସ , ସୁରଜ ଖାଁନ୍ ଅଶୋକ କୁମାର ନନ୍ଦ ପ୍ରମୁଖଙ୍କ ସହ ଅନ୍ୟ ଆଇନଜୀବୀ , ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀ ଗିରଫ, ରାଜ୍ୟରେ ଖୁସି





**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ବ୍ରହ୍ମପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ସେଠୀ ଗିରଫ କରିଛି। ଯାଂଚ ସରିବା ପରେ ନିର୍ବାହୀ ଯନ୍ତ୍ରୀ ସେଠୀ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୭କୋଟି ୮୩ଲକ୍ଷ ୭ଲକ୍ଷ ହଜାର ୪୯୪ଟଙ୍କାର ସ୍ଥାବର ଅବସ୍ଥାରେ ସମ୍ପତ୍ତି ଥିବାନେଇ ଭିଜିଲାନ୍ସ ବିଭାଗ ଆକଳନ କରିଛି। ତନ୍ମଧ୍ୟରୁ ୬କୋଟି

**ଆୟ ବହିର୍ଭୂତ ସମ୍ପତ୍ତି ୬.୭୯ କୋଟି, ପତ୍ନୀ ଓ ପୁଅଙ୍କ ନାଁରେ ମାମଲା, ତାଙ୍କୁ ବି ବାନ୍ଧ**

୭୯ଲକ୍ଷ ୬୨ହଜାର ୭୪୮ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍.ପି ତ୍ରିଲୋଚନ ସାଇଁ ସୂଚନା ଦେଇଛନ୍ତି ବ୍ରହ୍ମପରୁ ଭିଜିଲାନ୍ସ କେସ୍ ନମ୍ବର ୩।୨୨ରେ ନିବାହୀ ଯନ୍ତ୍ରୀ ସେଠୀଙ୍କୁ ଭିଜିଲାନ୍ସ କୋର୍ଟଚାଲାଣ କରାଯାଇଛି ଏହାସହିତ ତାଙ୍କର ପତ୍ନୀ ଓ ବଡପୁଅ ନାମରେ ମଧ ମାମଲା ରୁଜୁ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ। ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ କଟକ ଓ ବହ୍ମପୁର ଭିଜିଲାନ୍ସ ବିଭାଗର ମିଳିତ ଟିମ୍ ଗତ ୯ ତାରିଖ ସକାଳେ ୫ଟି ସ୍ଥାନରେ ଚଢଉ କରିଥିଲ। ବ୍ରହ୍ମପୁର ଗଜପତିନଗର ୧୧ମଲାଇନ୍‌ରେ ଥିବା ୫ମହଲା କୋଠା ଭୁବନେଶ୍ୱର ଏମସ ନଗର ତୃତୀୟ ଲାଇନରେ ଥିବା ୪ମହଲା ଘର, ଗଜପତିନଗର ଅଷ୍ଟମ ଲାଇନ୍ ରେ ଥିବା ୪ମହଲା ଘର ଛତ୍ରପୁର ଥାନା ପୁତବଗଡ ସ୍ଥିତ ପୈତୃକ ଘର ଓ ଆମ୍ବପୁଆ ସ୍ଥିତ ଅଫିସ୍‌ରେ ଚଢଉ କରାଯାଇଥିଲା ଚଢାଉ ସମୟରେ ୧୯ଲକ୍ଷ ୮୮ହଜାର ଟଙ୍କା ନଗଦ ମିଳିଥିଲା ଯାଂଚ ସରିବା ପରେ ନିର୍ବାହୀ ଯନ୍ତ୍ରୀ ସେଠୀଙ୍କ ନାମରେ ମୋଟ ୬କୋଟି ୭୯ଲକ୍ଷ ୬୨ହଜାର ୭୪୮ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରହିଥିବା ଜଣାପଡିଛି ଯାହାକି ତାଙ୍କର ଆୟଠାରୁ ୩୫୮ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ଏସ୍.ପି. କହିଛନ୍ତି। ପ୍ରକାଶ ଥାଉକି ପତ୍ନୀ ଓ ପୁଅଙ୍କ ନାମରେ ମାମଲା ରୁଜୁ ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଗିରଫ କରାଯିବା ନେଇ ସାଧାରଣରେ ଏପରି ଆଲୋଚନା କରୁଛନ୍ତି।

# ଧରାପଡିଲେ ଟାଟା ପାୱାରର ଜିଏମ୍







**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଜୁଳ ଗ୍ରାହକଙ୍କ ଘର ଗୁଡିକରେ ବିଜୁଳିର ବ୍ୟାବହର ଓ ଗଡବଡିର ଯାଂଚ କରୁଥିଲା ବିଭାଗର ଭିଜିଲାନ୍ସ ଦଳ ଦ୍ୱାରା ଯାଂଚ କରାଉଥିବା ପାଓାରର ଜଣେ ଜେନାରାଲ ମ୍ୟାନେଜ ସନ୍ତୋଷ କୁମାର ଦର୍ଜୀ ଏଥର ନିଜେ ରାଜ୍ୟ ଭିଜିଲାନ୍ସ ବିଭାଗର ଜାଲରେ ଫସିଛନ୍ତି। ଶୁକ୍ରବାର ସକାଳ ସମୟରେ ଅଚାନଳ ସତନ୍ତ୍ର ଭିଜିଲାନ୍ସ ଜଜ ସମ୍ବଲପୁର ଙ୍କ ଆଦେଶ ବଳରେ ସତନ୍ତ୍ର ଦଳ ଗୁଡିକ ସମ୍ବଲପୁର ସ୍ଥିତ ପ୍ରଧାନପଡା ବାସଭବନ, ବୁର୍ଲା ସ୍ଥିତ କମ୍ପାନୀ କାର୍ଯ୍ୟାଳୟ

**ଆୟରୁ ଅଧିକ ସମ୍ପତ୍ତି**

ଓ ବରଗଡ ,ବୁର୍ଲ ସ୍ଥିତ କମ୍ପାନୀ କାର୍ଯ୍ୟାଳୟ ଓ ବରଗଡ ଜିଲାର ଅତାବିତା ଠାରେ ଥିବା ପୈତୃକ ଗ୍ରାମ ସମେତ ସମୁଦାୟ ୩ଟି ଚଢଉ କରିଥିଲେ। ଚଢଉ ସମୟରେ ସମୁଦାୟ ୩କୋଟି ୧ଲକ୍ଷରୁ ଉର୍ଦ୍ଧ ସମ୍ପତ୍ତି ଭିଜିଲାନ୍ସ ବିଭାଗ ଜବତ କରିଛି। ଚଢଉ ସମୟରେ ୭.୨ଲକ୍ଷ ନଗଦ ଟଙ୍କା ପ୍ରାୟ୧.୨୨କୋଟିଟାଙ୍କର ବ୍ୟାଙ୍କଓ ବୀମା ଜମା ଦ୍ୱିମହଲା ବିଶିଷ୍ଟ ଘର, ୨ଟି ଜମି, ୨ଟି ଚାରି ଚକିଆ ଗାଡି , ୨ଟି ଦୁଇ ଚକିଆ ଗାଡି, ସୁନାଗହଣା,ରାୟପୁର ଠାରେ ପତ୍ନୀଙ୍କ ନାମରେ ଦ୍ୱିମହଲା ଘର ଆଦି ଠାବ ହୋଇଛି। ଏହି ଚଢଉରେ ୩ଟି ଦଳରେ ଜଣେ ଡିଏସପି, ୨ଟି ଜମି ,୨ଟି ଚକିଆ ଗାଡି ,୨ଟି ଦୁଇ ଏସଆଇ ଓ ଅନ୍ୟ କର୍ମଚାରୀ ମାନେ ସାମିଲ ରହିଥିଲେ। ଭିଜିଲାନ୍ସ ବିଭାଗ ଅନୁଯାୟୀ ,ଟାଟା ପାଓାରର ଅଧିକାରୀ ଦର୍ଜୀଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବର ଅଭିଯୋଗ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଠୁଳ କରିବାର ଅଭିଯୋଗ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପକରେ ଅଧିକାରୀ ଦର୍ଜୀ କହିଛନ୍ତି ଯେ ମୁଁ ବିଭାଗରୁ ସମ୍ପୂର୍ଣ୍ଣ ସହଯୋଗ କରୁଛି, କିଛି ବିରୋଧିମାନେ ମିଛ ଅଭିଯୋଗ କରିଛନ୍ତି ଏବଂ ସେ ଦୀର୍ଘ ୩୫ବର୍ଷର ଚାକିରୀ କାଳରେ ପ୍ରଧାନପଡା ସ୍ଥିତ ବାସଭବନ ହିଁ ନିର୍ମାଣ କରିଛନ୍ତି। ତେବେ ଏହି ମାମଲାରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ମାସ ୧୪ତାରିଖରେ ରାଜ୍ୟ ଶକ୍ତି ବିଭାଗ ଅର୍ନ୍ତଗତ ଇଞ୍ଜିନିୟର –ଚିଫ ଇଲେକ୍ଟ୍ରିକାଲ ଇନିସ୍ପେକ୍ଟର ସୁନୀଲ କୁମାର ପଣ୍ଡା ଙ୍କ ବାସଭାବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ କାଳୀନ ୪ଟି ସ୍ଥାନରେ ଚଢଉ କରାଯାଇ ୩କୋଟ ୩୯ଲକ୍ଷର ସମ୍ପତ୍ତି ଠାବୁ ହୋଇଥିଲା

# କଟକର ୱାର୍ଡ଼ ୫୧ରେ ଜବରଦସ୍ତ ଲଢେଇ

**କଟକ(ତପନ ମହାନ୍ତି):-** କଟକ ପୂର୍ବାଞ୍ଚଳରେ ଥିବା ୱାର୍ଡ଼ଗୁଡ଼ିକ ମଧ୍ୟରୁ ୫୧ ନମ୍ବର ଅନ୍ୟତମ। ୱାର୍ଡ଼ଟି ସଦର ନିର୍ବାଚନମଣ୍ଡଳୀରେ ଆସୁଛି। ସାର୍ଥୋଲ, ବାଲିସାହିର କିଛି ଅଂଶ, ପୋପରଡ଼ା, କଣ୍ଟିଲୋ, ବଗୁଲାପଡ଼ା, ବେଲେଶ୍ୱର, ତିନିଘରିଆ ଓ ନୂଆପଡ଼ର କିଛି ଅଂଶକୁ ନେଇ ଏହି ୱାର୍ଡ଼। ଚଳିତ ନିର୍ବଚନରେ ପ୍ରାର୍ଥୀମାନେ ଜନସାଧାରଣଙ୍କ ମୌଳିକ ସୁବିଧାକୁ ପ୍ରସଙ୍ଗ କରିଛନ୍ତି। ସେମାନେ ଏହାକୁ ନେଇ ଭୋଟରଙ୍କ ନିକଟକୁ ଯାଉଛନ୍ତି।

ଗତ ଦୁଇଟି ନିର୍ବାଚନରେ ବିଜେଡ଼ି ଏଠାରୁ ଜିତାପଟ୍ କରିଛି। ମାତ୍ର ସାହିବସ୍ତିକୁ ନେଇ ଗଠିତ ଏହି ୱାର୍ଡ଼ରେ ଏବେ ବି ମୌଳିକ ସୁବିଧାଠାରୁ ୱାର୍ଡ଼ବାସୀ ଦୂରରେ ବୋଲି ଅଭିଯୋଗ ହୁଏ। ତେଣୁ ତିନି ପ୍ରମୁଖ ଦଳ ମୌଳିକ ସୁବିଧାକୁ ପ୍ରସଙ୍ଗ କରି ଭୋଟ୍ ମାଗିବାକୁ ସ୍ଥିର କରିଛନ୍ତି। ଚଳିତ ଥର ବିଜେଡ଼ି ଏଠାରୁ ରାଜଲକ୍ଷ୍ମୀ ଖୁଣ୍ଟିଆଙ୍କୁ ପ୍ରାର୍ଥୀ କରିଛି। ରାଜଲକ୍ଷ୍ମୀ ହେଉଛନ୍ତି ବିଜେଡ଼ି ନେତା ଲେଲିନ୍ ଖୁଣ୍ଟିଆଙ୍କ ଭାଉଜ। ଦଳ ଏଠାରେ ୧୦ ବର୍ଷ ହେବ ସିଟ୍ ଦଖଲ କରିଥିଲେ ବି ଲୋକଙ୍କ ଏକାଧିକ ଅସୁବିଧା ରହିଥିବା ଶ୍ରୀମତୀ ଖୁଣ୍ଟିଆ ସ୍ୱୀକାର କରିଛନ୍ତି। ତେବେ ସେ ବିଜୟୀ ହେଲେ ପୋପରଡ଼ା ଓ କଣ୍ଟିଲୋରେ ଶ୍ମଶାନ, ବେଲେଶ୍ୱର ଓ ତିନିଘରିଆରେ ଖେଳପଡ଼ିଆ ସହିତ ଭତ୍ତା ଓ ରାସନକାର୍ଡ଼ କରିବେ ବେଲି କହିଛନ୍ତି। କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ କର୍ପୋରେଟର ସବିତା ସାଇଁ। ତେବେ ଶ୍ରୀମତୀ ସାଇଁ ଶାସକ ବିଜେଡ଼ି ଉପରେ ବର୍ଷିଛନ୍ତି। ଦୀର୍ଘଦିନ କ୍ଷମତାରେ ରହି ଲୋକଙ୍କୁ ମୌଳିକ ସୁବିଧାଠାରୁ ଦୂରରେ ରଖି କିଭଳି ଭୋଟ୍ ମାଗିବାକୁ ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁ ସାହିର ଶ୍ମଶାନ, ପୋଖରୀ ଉଦ୍ଧାର ଓ ଖେଳପଡ଼ିଆର ଉନ୍ନତି ସହିତ ରାସନକାର୍ଡ଼ ଓ ଭତ୍ତା କରାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ବିଜେପି ପକ୍ଷରୁ ଏଥର ଯୁବ ଚେହେରା ଭାବେ ରାକେଶ ସାଇଁଙ୍କୁ ପ୍ରାର୍ଥୀ କରାଯାଇଛି। ଡ୍ରେନ୍, ରାସ୍ତାଘାଟ, ଜାଇକା ଯନ୍ତ୍ରଣାରୁ ମୁକ୍ତି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୱାର୍ଡ଼ବାସୀଙ୍କୁ ସାମିଲ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ରାକେଶ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷକ, ଛି



**କଳାହାଣ୍ଡି(ସଂପର୍କବାର୍ତ୍ତା):-** ଭବାନୀପଟଣା ଆଦର୍ଶ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏକ ଅଭିବନୀୟ ଘଟଣା ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ସମ୍ପର୍କ ଅତି ନିବିଡ ଓ ଘନିଷ୍ଠ। ଗୁରୁ ସବୁବେଳେ ଶିଷ୍ୟରେ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ତାର ଭବିଷ୍ୟତକୁ ଉତ୍ତମ ଭାବେ ଗଢି ତୋଳିବା ପାଇଁ ନିରନ୍ତର ଚେଷ୍ଟା କରିଥାଏନ୍ତି। ଗୁରୁ ସର୍ବଦା ଶିଷ୍ୟକୁ ସଫଳତାରେ ପାହାଚ ଚଢାଇବା ପାଇଁ ସର୍ବଦା କର୍ମ କରିଥାନ୍ତି। କିନ୍ତୁ ଆଜି ଏହି ସମ୍ପର୍କରେ ଲାଗିଛି କଳଙ୍କ ର ଛିଟା ଯେଉଁଠି ବିଦ୍ୟାଳୟକୁ ମନ୍ଦିର ଭାବରେ କଳ୍ପନା କରାଯାଏ ଓ ଗୁରୁ କଳା ଦେବତା ଙ୍କ ସହ ତୁଳନା କରାଯାଏ ସେହି ପବିତ୍ର ମନ୍ଦିର ରେ ଦେଖିବାକୁ ମିଳିଛି ଚରିତ୍ର ହିଁନ ଗୁରୁଙ୍କ କଳା କାରନାମା ଅଭିଯୋଗ ଆସି ପହଂଚିଛି ଥାନାରେ। ଅଭିଯୋଗ ଅନୁଯାୟୀ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସେହି ସ୍କୁଲ ର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦା ଚରଣ କରିବା ସହ ଅଶ୍ଳିଳ ମେସେଜ ପଠାଉଥିଲେ। ଏନେଇ ଛାତ୍ରୀ ଜଣକ ଭୟରେ ଘରେ ନ କହି ଅନ୍ୟ ଜଣେ ଶିକ୍ଷୟତ୍ରୀ ଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଜାଣିବାକୁ ଥାନାର ଦ୍ୱାରସ୍ଥ ହୋଇଥିଲେ ପରିବାର ଥାନାରେ ଅଧକ୍ଷ ଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଅଭିଯୋଗ କୁ ଭିତ୍ତି କରି ଅଧକ୍ଷ ରାଜିଭ ଦତ୍ତା ଙ୍କୁ ଗିରଫ କରି କେସ ନମ୍ବର ୧୦୨/୩୫୪ ସି ୫୦୬/୬୭ଡିରେ ମମାଲ ରୁଜୁ କରି କୋର୍ଟ ଚଳନାକରା ଯାଇଥିବା କଳାହାଣ୍ଡି ଆରକ୍ଷୀ ଡକ୍ଟର ଶବଛ ବିବେକ ଏମ ପ୍ରକାଶ କରିଛନ୍ତି।

**◤ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଗିରଫ**
**◤ ଗୁରୁ ଶିଷ୍ୟ ସମ୍ପର୍କର କଳଙ୍କ ର ଛିଟା**

# ଛାତରୁ ପଡି ଜିନ୍ଦଲ ଅଧିକାରୀଙ୍କ ମୃତ୍ୟୁ



**ବ୍ୟାସନଗର(ସଂପର୍କବାର୍ତ୍ତା):-** ବ୍ୟାସନଗର ପୌରାଂଚଳର ଗୋପବନ୍ଧୁ ଛକ ନିକଟ ଭଡାଘରେ ରହୁଥିବା ଜିନ୍ଦଲଷ୍ଟେନଲେସର ଜନୈକ ଅଧିକାରୀ ଛାତରୁ ଗଳିପଡି ମୃତ୍ୟୁ ଘଟିଛି ମୃତ କର୍ମଚାରୀ ଭଦ୍ରକ ଟାଉନ ଥାନା ଅପର୍ତିବିନ୍ଧା ଗ୍ରାମର ଦେବାଶିଷ ମହାନ୍ତି(୪୦) ସେ ଜିନ୍ଦଲଷ୍ଟେନଲେସ ଫେରୋ ଆଲଏଜ ବିଭାଗର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ରାତିରେ ସେ ଭଡାଘର ଛାତ ଉପରେ ଫୋନରେ କଥା ହେଉଥିବାବେଳେ ତଳକୁ ଗଳିପଡିଥିଲେ। ତାଙ୍କୁ ତୁରନ୍ତ ଯାଜପୁର ରୋଡ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଡାକ୍ତର ମୃତ ଘୋଷଣା କରିଥିଲେ। ଯାଜପୁରରୋଡ୍ ଯାଜୁପୁରରୋଡ୍ ପୁଲିସ ଆଜିସକାଳେ ପହଂଚି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଡାକ୍ତରଖାନାକୁ ପଠାଇଥିଲେ। ଏହାକୁ ନେଇ ଶୋକ ପ୍ରକାଶ ପାଇଛି।

# ମୋ ୱାର୍ଡ଼ରେ ହୋଇଥିବା ଅନ୍ୟାୟ ମୋ ଲଢ଼େଇ ଜୋରଦାର ହେବ



**କଟକ(ତପନ ମହାନ୍ତି):-** କଟକ ମହାନଗର ନିଗମ ୫୧ ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ସବିତା ସାଇଁ। କଂଗ୍ରେସ ଦଳର ଜଣେ ଦକ୍ଷ ସଂଗଠକ, ଲୋକପ୍ରିୟ ନେତ୍ରୀ ଭାବେ ଅଞ୍ଚଳରେ ଜଣାଶୁଣା। ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ସେ କର୍ପୋରେଟର ଥିଲେ ଦୀର୍ଘ ୧୭ ବର୍ଷ ଧରି ଲୋକଙ୍କ ସୁଖଦୁଃଖରେ ସାମିଲ ରହି ଆସିଥିବା ଅଞ୍ଚଳର ସମାଜସେବୀ ନିର୍ମଳ ସାଇଁ (କପିଳା ଭାଇଙ୍କ) ପତ୍ନୀ ସବିତା ସାଇଁ ୫୧ରୁ କଂଗ୍ରେସ ପ୍ରାର୍ଥୀଭାବେ କର୍ପୋରେଟର ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଦୀର୍ଘବର୍ଷର ଅଭିକ୍ଷତ ଅଭିଜ୍ଞତା ରହିଛି। ଲୋକଙ୍କ ସମସ୍ୟାକୁ ନେଇ ଲଢ଼େଇ କରି ଆସିଛନ୍ତି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକରି ସୁଫଳ ହୋଇଥିଲେ। ବିଦ୍ୟୁତ, ପାଣି, ବିଭିନ୍ନ ସାହିର ରାସ୍ତାଘାଟ, ଶୌଚାଳୟ, ନୂଆପଡ଼ାଠାରୁ ଡ୍ରେନ ନିର୍ମାଣ କରି ଏମ୍.ଏସ୍.ଡବ୍ଲୁରେ ମିଶାଇବା ଭଳି କାରକାମ କରିଥିଲେ। ବେଲେଶ୍ୱର ସ୍କୁଲ ଘର, ତିନିଘରିଆ ଅଙ୍ଗନବାଡ଼ି କେନ୍ଦ୍ର, ବିପିଏଲ ହିତାଧିକାରୀମାନେ ପୂର୍ବରୁ କଲେଜ ଛକରୁ ଚାଉଳ ଆଣୁଥିଲେ। ବର୍ତ୍ତମାନ ସେମାନେ ସମସ୍ତେ ସେ ସବୁ ସୁବିଧା ୱାର୍ଡ଼ରୁ ପାଉଛନ୍ତି। ବୃଦ୍ଧାବୃଦ୍ଧାମାନଙ୍କ ପାଇଁ ଭତ୍ତା ବ୍ୟବସ୍ଥାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇ ପାରିଥିଲେ। ଦୀର୍ଘ ବର୍ଷ ଉକ୍ତ ୱାର୍ଡ଼ରେ ଆଖି ଦୃଶୀୟା କାର୍ଯ୍ୟ ହୋଇ ନ ଥିବାରୁ ମୁଁ ମୋ ୱାର୍ଡ଼ବାସୀଙ୍କ ନିର୍ଦ୍ଦେଶରେ କଂଗ୍ରେସର କର୍ପୋରେଟର ପ୍ରାର୍ଥନୀ ଭାବେ ଛିଡ଼ା ହୋଇଛି, ୱାର୍ଡ଼ବାସୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ମୋ ଲଢ଼େଇ ଜୋରଦାର ହେବ ଏବଂ ମୋର ବିଶ୍ୱାସ ମୋ ୱାର୍ଡ଼ର ମୁରବୀ ଶ୍ରେଣୀ, ବୃଦ୍ଧଜୀବୀ, ବରିଷ୍ଠ ନାଗରିକ ଏବଂ ଗୁରୁଜନଙ୍କ ଆଶ୍ରୀବାଦ ମୋ ଉପରେ ନିଶ୍ଚିତ ରହିବ ଏବଂ ମୁଁ ନିଶ୍ଚୟ ଜିତିବି ଏ ଭରସା ମୋ ୱାର୍ଡ଼ବାସୀଙ୍କ ଉପରେ ଅଛି।

# ଖଣିଖାଦାନ ଓ ଶିଳ୍ପାନୁଷ୍ଠାନ ପରିସରରେ ଶହଶହ ନମ୍ବରବିହୀନ ଗାଡି

**ଯାଜପୁର(ପରମେଶ୍ୱର ଦାଶ):-** ଚଣ୍ଡିଖୋଲ ଆର୍‌ଟିଓ ଅଧୀନରେ ଥିବା ଧର୍ମଶାଳା ତହସିଲର ଶହଶହ କଳାପଥର ଖାଦାନ, ସୁକିନ୍ଦା ତହସିଲର କଳିଆପାଣି କ୍ରୋମ୍ ଉପତ୍ୟକାର ଏକାଧିକ ଖଣିଖାଦାନ, ଦାନଗଦୀ ତହସିଲ କଳିଙ୍ଗନଗର ବିଳ୍ପାଞ୍ଚଳର ବୃହତ ଶିଳ୍ପାନୁଷ୍ଠାନ ଗୁଡିକରେ ବର୍ଷ ବର୍ଷ ଧରି ଶହ ଶହ ନମ୍ବର ବିହୀନ ଗାଡି ଚଳାଚଳ କରୁଛି।

କିଛିଦିନ ପୂର୍ବରୁ ଏକ କାରଖାନା ପରିସରରୁ କଳିଙ୍ଗନଗର ଥାନା ପୋଲିସ୍ ୩ଟି ଗାଡି ଜବତ କରି ଜୋରିମାନା ଆଦାୟ କରି ଛାଡି ଦେଇଥିଲା।

ଜାତୀୟ ରାଜପଥ ଓ ରେଲ୍‌ୱେ ନିର୍ମାଣରେ ମଧ ଠିକାଦାର ସଂସ୍ଥାର ଗାଡିଗୁଡିକ ଟିକସ ଫାଙ୍କି ନିୟମିତ ନିର୍ମାଣ କାମରେ ଲାଗିଛନ୍ତି। ସେହିପରି ଯାଜପୁର ଆର୍‌ଟିଓ ଅଧିନରେ ଯାଜପୁର ସହରରେ ଚାଲିଥିବା ଏକାଧିକ ମେଗା ପ୍ରକଳ୍ପଗୁଡିକରେ ସହରରେ ଚାଲିଥିବା ଏକାଧିକ ମେଗା ପ୍ରକଳ୍ପଗୁଡିକରେ ଠିକାଦାରମାନେ ଶହଶହ ଗାଡି ଟିକସ ଫାଙ୍କି ଚାଲିଛି। ଧର୍ମଶାଳା ଓ ଜେନାପୁର ଥାନା ଅଞ୍ଚଳରେ କଳାପଥର ଖାଦାନଗୁଡିକରେ ଶହ ଶହ ନମ୍ବରବିହୀନ ଟ୍ରାକ୍ଟର, କମ୍ପ୍ରେସର, ଜେସିବି ଓ ଲୋଡର ପ୍ରଭୃତି କାମ କରୁଛି। ବିଶେଷ କରି ଦେଢମାସ ହେଲା ଜିଲ୍ଲା ପ୍ରଶାସନ ତ୍ରିସ୍ତରୀୟ ପଞ୍ଚାୟତ ଓ ପରେ ପରେ ପୌର ନିର୍ବାଚନରେ ବ୍ୟସ୍ତ ରହିବା ସୁଯୋଗରେ ତହସିଲ, ଥାନା, ଫାଣ୍ଡିର କେତେକ ଅଧିକାରୀଙ୍କୁ ବେଆଇନ କାରବାରକୁ ବ୍ୟାପକ କରିଛନ୍ତି।

ଅନ୍ୟପକ୍ଷରେ, ପ୍ରଭାବଶାଳୀ ଖଣି ମାଲିକ, ଶିଳ୍ପପତି, ଠିକାଦାରମାନଙ୍କ ଗାଡିକୁ ଜବତ କରିବାକୁ ଜିଲ୍ଲାରେ କାର୍ଯ୍ୟ କରୁଥିବା ଦୁଇ ଦୁଇଟି ଆର୍‌ଟିଓ କାର୍ଯ୍ୟାଳୟର ଅଧିକାରୀଙ୍କର ସେପରି ଆଖିଦୃଶିଆ ପଦକ୍ଷେପ ନାହିଁ। ଶହଶହ ଗାଡି ରୋଡ୍ ଟିକସ୍, ଇନ୍‌ସ୍ୟୁରାନ୍ସ, ଫିଟ୍‌ନେସ୍, ପର୍‌ମିଟ୍, ପ୍ରଦୂଷଣ ଆଇନ୍‌କୁ ଖୋଲା ଉଲ୍ଲଂଘନ କରୁଛନ୍ତି।

# ସମ୍ପାଦକୀୟ

## ଦୋଳ ଯାତ୍ରା

ଜୈମିନୀ ମିମାଂସାରେ ଏକ ଅଧ୍ୟାୟ ହୋଲିକାଧିକରଣ ନାମରେ ରହିଛି। କର୍ମକାଣ୍ଡରେ ଏହା ଗ୍ରହଣ କରାଯାଏ। କାମ୍‌ଶାସ୍ତ୍ର ପ୍ରଣେତା ବାତ୍ସାୟନ ପାରମ୍ପରିକ ଉତ୍ସବ ମହୋତ୍ସବ ମାଳାରେ ହୋଲାକାକୁ ଶ୍ରେଷ୍ଠତ୍ୱ ଆସନ ଦେଇଛନ୍ତି। ଲିଙ୍ଗ ପୁରାଣ ଫାଲଗୁନ ପୂର୍ଣ୍ଣିମାକୁ ଫାଲଗୁନିକା ନାମରେ ବୟାନ କରିଛନ୍ତି। ବରାହ ପୁରାଣ ଏହି ପର୍ବକୁ ପାଟବାସ ବିଳାସିନୀ ନାମରେ ନାମିତ କରିଛନ୍ତି। ଫାଲଗୁନ ପୂର୍ଣ୍ଣିମା, ଯେଉଁ ଦିନ ସମ୍ପୂର୍ଣ୍ଣ ଶୀତ ଋତୁର ଶେଷ ଗ୍ରୀଷ୍ମ ଋତୁ ଆରମ୍ଭ ସେହି ଦିନ ସବୁ ଲୋକ ଏକତ୍ର ହୋଇ ନଡ଼ା ଘାସ କାଠି, ଡାଙ୍ଗ, କାଠଖଣ୍ଡ ଏକତ୍ର କରି ସ୍ତୁପ ଆକାରରେ ରଖି ପୁରୋହିତ ଦ୍ୱାରା ରାକ୍ଷୋଘ୍ନ ମନ୍ତ୍ରରେ ଅଗ୍ନୀ ସଂଯୋଗ କରାଇବେ ଓ ଲୋକ ଆନନ୍ଦରେ ପିଲାମାନଙ୍କ ସହ ହରିବୋଲ ହୁଳହୁଳି ଶବ୍ଦ ସହିତ, ହାସ୍ୟ ଖୁସି ମନାଇବେ। ତେବେ ସର୍ବ ଦୁଷ୍ଟାପହ ହୋମରେ ଏହି ରାକ୍ଷସୀ ଭୟଭୀତ ହୋଇ ଇତି ହୋଇଯିବ। ଚକ୍ରବର୍ତ୍ତୀ ରଘୁରାଜ ଏପରି ଅନୁଷ୍ଠାନ ଗ୍ରାମେ ଗ୍ରାମେ କରିବାକୁ ଆଦେଶ ଦେବା ସହିତ ରାଜକୋଷରୁ ଏ ପାଇଁ ଅର୍ଥାଦି ବ୍ୟବସ୍ଥା ଓ କାଠିକୁଟା ସଂଗ୍ରହରେ ଥିବା ରାଜକାନୁନରେ କଇଚି ସଂସ୍କାର ଜାହିର କରିଦେଲେ। ସେହି ଫାଲଗୁନ ପୂର୍ଣ୍ଣିମାରୁ ଏଇ ଢୁଣ୍ଢା ଉତ୍ପାତକାରିଣୀ ରାକ୍ଷସର ଅନ୍ତ ଦିନକୁ ହୋଲିକା ଜ୍ୱଳନ ଦିନ ରୂପେ ପାଳନ କରାଗଲା। ଚୈତ୍ର କୃଷ୍ଣ ପ୍ରତିପଦ ହୋଲିକା ଦହନ ପର ଦିନ ହୁଏ ହୋଲିକା ଦହନ ଭସ୍ମକୁ ଲୋକେ ସଂଗ୍ରହ କରି ତାକୁ ମୁଣ୍ଡରେ, ଭକ୍ତିରେ ଲଗାଇ ଘର ବାହାର ପ୍ରାଙ୍ଗଣରେ ବର୍ଗାକାର କ୍ଷେତ୍ରରେ ମଣ୍ଡଳକାଟି ରଖି ସ୍ୱ ସ୍ୱ ପୁରୋହିତ ଦ୍ୱାରା ମନ୍ତ୍ର ଉଚ୍ଚାରଣରେ କାମ ପୂଜା। ଏଥିରେ ରୋଗମୁକ୍ତ ଏକ ବର୍ଷ ପର୍ଯ୍ୟନ୍ତ ରହିବା ଚେଷ୍ଟା ଜଡ଼ିତ। ଢୁଣ୍ଢା ରାକ୍ଷସୀର ଏକ ନାମ ନୁହେଁ ଅଛି ଆଉ କେତେକ ନାମ ଯଥା ଶୀତୋଷ୍ଣା, ଅସୃକ୍ତା, ସନ୍ଧିଜା, ଅରୁକୁଣ୍ଡା, ହୋଲାକ। ଶୀତଋତୁ ବସନ୍ତଋତୁ ସନ୍ଧିକାଳରେ ଛୋଟ ବାଳକ ବାଳିକାଙ୍କର ସ୍ୱାସ୍ଥ୍ୟରେ ଅନେକ ପ୍ରକାର ବିକାର ବାହାରେ ପୁଣି ସମ୍ବତ୍ସର ଆରମ୍ଭ ଧନିଷ୍ଠା ନକ୍ଷତ୍ର ରବି ପାର ସମୟରେ ସବୁ ବର୍ଷ ହୁଏ ଏପାଇଁ ଯେଉଁ ସନ୍ଧି ସଂଘାତ ସମୟ ସେ ସମୟରେ ତିନି ଋତୁର ଶେଷ କାଳ ଅନ୍ୟ ତିନି ଋତୁର ଆରମ୍ଭ କାଳ ଶିଶୁମାନେ ଋତୁଚକ୍ରରେ ପାପ ହୋଇନିଅନ୍ତି ଫଳରେ ରୋଗରେ ପଡ଼ନ୍ତି। ଏ ସମୟରେ ମାନସିକ ଶକ୍ତି ସବଳ ପାଇଁ ଓ କେତେକ ଔଷଧିଗୁଣ ସମ୍ପନ୍ନ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ**

ପ୍ରସାଦ ନୈବେଦ୍ୟ କରି ଭୋଜନ ଅଂଶରେ ରଖାଇବା ପାଇଁ ଚିକିତ୍ସକମାନେ ବ୍ୟବସ୍ଥା କରାଇଛନ୍ତି। ଆମ ଓଡ଼ିଶାରେ ଏ ପର୍ବ ଅବିର, ରଙ୍ଗ ଖେଳରେ ଜଡ଼ିତ ହୋଲିକା ଦହନ ପ୍ରକ୍ରିୟା ରାଧାକୃଷ୍ଣ ଦୋଳ ବିମାନ ଗ୍ରାମ୍ୟ, ସାହି ପରିକ୍ରମା କରି ମନ୍ଦିରକୁ ଫେରିବା ବାଟାରେ ହୋଲିକା ଦହନ କାର୍ଯ୍ୟ କରାଯାଏ। ତାକୁ ମେଣ୍ଢା କୁଡ଼ିଆ କୁହାଯାଏ। ପ୍ରକୃତରେ ଏହି ଢୁଣ୍ଢାକୁ ଆମ ରାଜ୍ୟରେ ମେଣ୍ଢା କୁହାଯାଇଥାଇପାରେ। ଦୋଳ ମେଳଣରେ ଏ ସଂଯୁକ୍ତ ଏକ ପଂକ୍ତି ପ୍ରସାଦ ଲାଗିବା ବ୍ୟବସ୍ଥା ରହିଛି।

ଦୋଳ ପୂର୍ଣ୍ଣିମା ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମଦିନକୁ ତାଙ୍କର ରାଧାକୃଷ୍ଣ ଉପାସନାକୁ ରାଜା ପ୍ରତାପରୁଦ୍ରଙ୍କ କାଳରୁ ରାଜାନୁଗତିଧର୍ମ ଯୋଗୁ ଓ ରାଜାଙ୍କର



ପ୍ରିୟଗୁରୁ ଖୋଦ ଚୈତନ୍ୟଦେବ ହୋଇଥିବାରୁ ସମଗ୍ର ରାଜ୍ୟରେ ଏହି ପର୍ବ ଅତି ଆନନ୍ଦ ଭାଇଚାରାରେ ପାଳନ ହୋଇଆସୁଛି। ଖଇ, ଉଖୁଡା, ଖଜା, ଶାକର, ଭଜାଚଣା, ନଡ଼ିଆପାତି, ପାଚିଲା କଦଳୀ, ପଣା, ପଇଡ଼ ଏସବୁ ପ୍ରସାଦର ଉତ୍ସକୁ କଞ୍ଚା ମାଟିର ସରାରେ ଏସବୁ ପଦାର୍ଥ ଦେବ ଉଦ୍ଦେଶ୍ୟରେ ଭୋଗ ଲାଗିବେ। ଘଣ୍ଟଘଣ୍ଟା କାହାଳୀ ଢ଼ୋଲ ମହୁରୀ ବାଦ୍ୟ ଗହଣରେ ଏକ ରାଜ ଉପଚାରରେ ଦେବ ଉପଚାରରେ ରାଧାକୃଷ୍ଣଙ୍କ ଗସ୍ତ ଗ୍ରାମ୍ୟ ଦେବ ମନ୍ଦିରରୁ ଏସବୁ ସହିତ କୀର୍ତ୍ତନ ଦଳ ସହ ବାହାରି ଗ୍ରାମ୍ୟର ଗୃହକୁ ଗୃହ ଗସ୍ତ ନିର୍ଦ୍ଦେଶ ରହିଛି। ଅତି ସାତ୍ତ୍ୱିକ ଆନନ୍ଦରେ ପ୍ରତ୍ୟେକ ଘରୁ ପାଖଘରକୁ ଠାକୁରଙ୍କର ଅନୁଗାମୀ କରିବା ଏକ ପରମ୍ପରା ରହିଛି। ଏଥିରେ ପ୍ରତିବେଶୀ ସହିତ ଶାନ୍ତି ସ୍ଥାପନ ହେବା ସହିତ ସବୁ ପାଖ ଗ୍ରାମରୁ ଦୋଳାରେ ଆସୁଥିବା ରାଧାକୃଷ୍ଣ ମେଳଣ ପଡ଼ିଆ ଏକ ବିଶେଷ ପର୍ବ ଅନୁଭବ ସ୍ଥାନ। ଏଠାରେ ଗ୍ରାମ୍ୟ ସହ ଗ୍ରାମ୍ୟ ବିବାଦ ଇତି ହୁଏ। ରଙ୍ଗ ହୋଲି ଅବିରରେ ହାସ୍ୟ କୌତୁକ ରାଗ କ୍ରୋଧର ଇତି କରିଦିଏ। ହୃଦୟରୁ ଶତୃତା ଭୁଲି ଯିବାକୁ ପଡ଼େ। ଠାକୁର ଆସୁଛନ୍ତି ଏକଥା ସତ୍ୟ ବୋଧ ଲୋକ, ସେ ଦିନ ମନେ କରନ୍ତି। ତା ସହିତ ସେ ରାଜ ଉପଚାର ଦେବ ଉପଚାରକୁ ଦେଖିଲେ ଏହା ଯେ ସତ୍ତ୍ୱିକ ପରିବେଶର ରାଜକୀୟ ଆଡ଼ମ୍ବର ବୁଝାଯାଏ। ଚାମର, ପଙ୍ଖା, ଠାକୁରଙ୍କ ସହିତ ରହିଥାଏ। ବିମାନ କାନ୍ଧିଆ, ମସାଲ ବା ବହୁତିଧାରୀ, କାହାଳୀ ବାଦକ, ଘଣ୍ଟୁଆ, ଢ଼ୋଲିଆ, ମହୁରିଆ ବିମାନ ଆଗେ ଆଗେ ରାସ୍ତାଘାଟ ସଫାକରି ପତାକାଧାରୀ କୀର୍ତ୍ତନିଆଁ, ଦେବ ପୂଜକ ବିପ୍ରଗଣ ଏମାନେ ଯେ ରାଜକର୍ମଚାରୀ ଥିଲେ ଏମାନେ ଠାକୁରଙ୍କ ସେବା ପାଇଁ କର୍ମଚାରୀ ଏକଥା ତଳେଇ ଚାହିଁଲେ ବୁଝାପଡୁଛି। ରାଜା ବିଜେ ପରି ଠାକୁର ବିଜେ ଏହା ବି ବୁଝିବାକୁ ପଡ଼ିବ। ବସନ୍ତ ଋତୁ କାମଦେବଙ୍କର ସହଚର କାମ ଦେବଙ୍କ ପଞ୍ଚବାଣ ଏମଧ୍ୟରୁ ଚତ ବା ଆମ୍ବ ଏକ ବକୁଳ ଅମାବାସ୍ୟାରୁ ଆମ୍ବ ବଉଳ। ସେଠାରୁ ଫୁଲରୁ ଫଳ ବିକଶିତ ହୋଇ ଯେଉଁ ଅବସ୍ଥାକୁ ଆସିଯାଇଥାଏ ସେପରି ଆମ୍ବ କଷିକୁ ଦିଅଁଙ୍କ ବିମାନରେ ମଣ୍ଡନ କରାଯାଏ। ଆମ୍ବଗଛ ସହିତ ହିନ୍ଦୁ ସଂସ୍କୃତି ଜଡ଼ିତ। ଆମ୍ବପତ୍ର କଳସର ଉପାଦାନ, ଆମ୍ବକାଠ ହୋମର ମୂଳ ଉପାଦାନ, ଆମ୍ବକାଠର ପିଢ଼ା ଦେବ କାର୍ଯ୍ୟରେ ଲାଗେ। ଆମ୍ବଫଳ ରସାଳ ଏହା ଦେବ ଯୋଗ୍ୟ ଫଳ, ହେଲେ ଏହାର ଫୁଲ କାମ ଦେବଙ୍କର ଏକ ଆୟୁଧ। ବଡ଼ ବିଚିତ୍ର କାମ ଶାସ୍ତ୍ର ସହିତ ଧର୍ମ ବ୍ୟବସ୍ଥା ସମ୍ବନ୍ଧ ଚୈତ୍ରମାସ ଏପରି ଜଡ଼ିତ ରଖାଯାଇଛି ଯେ ଚୈତ୍ରମାସରେ ବିବାହ କରାଯିବ ନାହିଁ। ଚୈତ୍ରମାସର ନାମ ମଧୁମାସ, ହେଲେ ମଧୁଶଯ୍ୟା ରଚନା ହୋଇପାରିବ ନାହିଁ। ଆମ ରାଜ୍ୟରେ ରଙ୍ଗ ସହିତ ନୀଳାଞ୍ଚଳ ନାଥଙ୍କ ବିଗ୍ରହମାନେ ଜଡ଼ିତ। ପ୍ରକୃତରେ ଠାକୁର ରଙ୍ଗନାଥ। ଲୋକେ ରଙ୍ଗର ଦ୍ରବ୍ୟ ଦେଖୁଥିଲେ କେମିତି ରଙ୍ଗକୁ ଆୟତ କରି ମନଇଚ୍ଛା ବ୍ୟବହାର କରିହେବ ଏହା ବହୁ ଆଗରୁ ଜଣା ନଥିଲା ବେଳେ ଠାକୁରଙ୍କ ଅଙ୍ଗଲାଗି ରଙ୍ଗ ଧଳା କଳା ନାଳି ହଳଦିଆ ପ୍ରଥମେ ଯେ ବାହାରିଛି ଏହା ବୁଝାପଡୁଛି।

ତେବେ ଗୁଲାପି ଲାଲ ରଙ୍ଗ ହୋଲିରେ ବ୍ୟବହାର ମୁଖ୍ୟତଃ କରାଯାଏ। ଗୁଲାଲ କହିଲେ ଗୁଲାପି ରଙ୍ଗକୁ ବୁଝାଏ। ଏହି ସବୁ ରଙ୍ଗ ପ୍ରସ୍ତୁତି ଏବେ ରାସାୟନିକ ରଙ୍ଗରେ ଏବେ ଶସ୍ତାରେ ହେଉଛି। ପ୍ରକୃତରେ ଏହା ଶରୀରର ଚର୍ମରେ ବାଜିଲେ କ୍ଷତିକର ମୁଣ୍ଡରେ ଚୁଟିରେ ଜମିଲେ କ୍ଷତିକର, ଚକ୍ଷୁରେ ବାଜିଲେ ବି ଚକ୍ଷୁ ନଷ୍ଟ ଆଶଙ୍କା ଅଛି। ଏହା ପୂର୍ବେ ଶସ୍ୟର ମିନ୍ ଗୁଣ୍ଡ ବା ଚୂର୍ଣ୍ଣରେ ଯଥା ଅଟା, ଚାଉଳ ଚୁନାରେ ଅବିର ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ପ୍ରତ୍ୟେକ ସଚେତନ ହୁଅନ୍ତୁ। ଶସ୍ତା ଦ୍ରବ୍ୟ ନକିଣି ଶୁଦ୍ଧ ମହଙ୍ଗା ଦ୍ରବ୍ୟ କିଣନ୍ତୁ ଓ ଏଇ ହୋଲିରଙ୍ଗ ଏପରି ପରୀକ୍ଷା କରି କିଣି ବ୍ୟବହାର କରନ୍ତୁ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଜଳବାୟୁ ପରିବର୍ତ୍ତନର ପ୍ରଭାବ



**ଯୁଧିଷ୍ଠିର ମହାରଣା**
ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ,
କଟକ, ଦୂରଭାଷ : ୯୪୩୭୧୬୩୫୨୮

ଆସନ୍ନ ଖରାର ପ୍ରକୋପ ଏବେଠାରୁ ଜଳ ଜଳ ଦିଶିଲାଣି। ଇତିମଧ୍ୟରେ ପାଣିପାଗ ବିଭାଗର ପ୍ରାକ୍ ସୂଚନା ମଧ୍ୟ ମିଳି ସାରିଛି। ଏ ବର୍ଷ ଖରା ଅଧିକ ରହିବ କିନ୍ତୁ ଆସନ୍ନ ବର୍ଷା ଋତୁ ବଡ଼ କଷ୍ଟକର ହୋଇଯିବ। ସୂଚନା ଥାଉକି ଗତ ବର୍ଷ ଦରକାର ବେଳେ ବର୍ଷା ହେଲାନାହିଁ। ଗତବର୍ଷ ବର୍ଷା ଋତୁରେ କିନ୍ତୁ ବିକ୍ଷିପ୍ତ ବର୍ଷା ଦେଖିବାକୁ ମିଳିଥିଲା। ଗତ ବର୍ଷ ନଭେମ୍ବର ମାସର ବର୍ଷା ଚାଷୀମାନଙ୍କ ପାଇଁ ଅଭିଶାପ ସାବ୍ୟସ୍ତ ହୋଇଥିଲା। ଏଭଳି ଜଳବାୟୁ ପରିବର୍ତ୍ତନ ପାଇଁ ଚଳିତ ବର୍ଷ ଖାଦ୍ୟ ଉତ୍ପାଦନ ୧୫ରୁ ୧୭ ପ୍ରତିଶତ ଯାଏ କମିବ ବୋଲି ରାଜ୍ୟର କୃଷି ବିଜ୍ଞାନୀମାନେ ଆଶଙ୍କା କରିଛନ୍ତି।

ଚଳିତ ବର୍ଷ ଜୁନ, ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକ ଠାରୁ କମ ବର୍ଷା ହେବ। ଫଳରେ ରାଜ୍ୟର ଅନେକ ସ୍ଥାନରେ ମରୁଡ଼ି ଭଳି ପରିସ୍ଥିତି ଉପୁଜିପାରେ। ଯେଉଁଠି ଜଳସେଚନର ସୁବିଧା ନାହିଁ ସେଠାରେ ଚାଷୀମାନେ ଏହି ଉତ୍କଟ ପରିସ୍ଥିତିର ସାମ୍ନା କରିବେ। ଗତ ବର୍ଷ ବର୍ଷାର ଅନିୟମିତତା ଯୋଗୁଁ ଚାଷୀମାନେ ବିଳମ୍ବରେ ଧାନରୁଆ କାମ ଆରମ୍ଭ କରିଥିଲେ। ତାଠୁ ବେଶୀ ବଳି ଯାଇଛି ନଭେମ୍ବର ମାସର ଲଗାଣ ବର୍ଷା। ପରିସ୍ଥିତି ଏଭଳି ହୋଇଛି ଯେ, ଧାନ ବିଲରେ ପାଣି ଜମା ହୋଇ ରହିବା ଯୋଗୁଁ ଗଛ ମାଟିରେ ଲୋଟି ପଡ଼ିଛି। ଧାନ କଟା ବେଳେ ଏଭଳି ସମସ୍ୟା ଚାଷୀକୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ଗଞ୍ଜାମ, ଗଜପତି, ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲା, ନୟାଗଡ଼, ବୌଦ୍ଧ, ଦେବଗଡ଼ ଆଦି ଜିଲ୍ଲାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୁନରୁ ଅଗଷ୍ଟ ଯାଏ ମରୁଡ଼ି ପରିସ୍ଥିତି ପରେ ଓ ନଭେମ୍ବର ମାସର ଲଗାଣ ବର୍ଷାକୁ ଛାଡ଼ିଦେଲେ ଗତ ବର୍ଷ ଚକାଡ଼ା ପୋକ ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର ସମେତ ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାର ଚାଷୀଙ୍କୁ କନ୍ଦାଇଥିଲା। ଥୋଡ଼ ବାହାରିବା ବେଳେ ପୋକ ଲାଗିବାରୁ ଗଛ ନାଲି ପଡ଼ିଯାଇଥିଲା ଆଉ ପତ୍ର ଶୁଖି ଗଛ ଝାଉଁଳି ପଡ଼ିଥିଲା।

କେଣ୍ଡା ଆହାର ନ ପାଇ ଗଛ ନଷ୍ଟ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କେବଳ ଧାନ ନୁହେଁ ଡାଲି ଜାତୀୟ ଚାଷ ଓ ପନିପରିବା ଚାଷକୁ ବି ପାଣିପାଗ ସୁହାଇନି। ସାଧାରଣତଃ ଜୁଲାଇ ଓ ଅଗଷ୍ଟ ମାସ ମଧ୍ୟରେ ରାଜ୍ୟରେ ବର୍ଷା ଅଧିକ ହୋଇଥାଏ। ଏହାକୁ ଆଖି ଆଗରେ ରଖି ଚାଷୀ ଚାଷ କାମ ଆରମ୍ଭ କରିଥାଏ। ମାତ୍ର ଗତ ବର୍ଷ ଜୁନ ମାସରେ ୧୮୧.୩ ମିଲିଲିଟର ବର୍ଷା ହୋଇଥିବାବେଳେ ତାହା ସ୍ୱାଭାବିକ ବର୍ଷା ଠାରୁ ୧୭% କମ ହୋଇଛି। ସେହିପରି ୨୦୨୧ ଜୁଲାଇ ମାସରେ ୨୦% ଓ ଅଗଷ୍ଟ ମାସରେ ୪୪% କମ ବର୍ଷା ହୋଇଛି। କେବଳ ଗତ ବର୍ଷ ନୁହେଁ ଗତ ୫ରୁ ୭ ବର୍ଷ ହେଲା ପରିସ୍ଥିତି ଏଭଳି ଲାଗି ରହିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୦୧୬ ମସିହା ଜୁନ ମାସରେ ସ୍ୱାଭାବିକ ଠାରୁ ବର୍ଷାର ପରିମାଣ କମ ଥିଲା। ସେ ବର୍ଷ ସମୁଦାୟ ୧୬୨.୩ ମିଲିଲିଟର ବର୍ଷା ହୋଇଥିବାବେଳେ ତାହା ସ୍ୱାଭାବିକ ଠାରୁ ୨୪% କମ ଥିଲା। ସେହିପରି ୨୦୧୮ରେ ୧୫୫.୫ ମିଲିଲିଟର ବର୍ଷା ହୋଇଥିବାବେଳେ ତାହା ସ୍ୱାଭାବିକ ଠାରୁ ୨୭% କମ, ୨୦୧୯ରେ ୧୪୬.୪ ମିଲିୟନ ବର୍ଷା ହୋଇଥିବାବେଳେ ତାହା ସ୍ୱାଭାବିକ ଠାରୁ ୩୩% କମ ଥିଲା।

ଗତ ପାଞ୍ଚ ବର୍ଷ ହେଲା ପାଣିପାଗରେ ଆଉ କୌଣସି ନିର୍ଦ୍ଦିଷ୍ଟ ପାର୍ଟନ ରହୁନାହିଁ। କେତେ ବେଳେ ଅଧିକ ବୃଷ୍ଟିପାତ ଯୋଗୁଁ ବନ୍ୟା ହେଉଛି ତ କେତେବେଳେ ଅନାବୃଷ୍ଟି ଓ ଅଳ୍ପବୃଷ୍ଟି ପାଇଁ ମରୁଡ଼ି ହେଉଛି। ପରିବର୍ତ୍ତିତ ପାଣିପାଗ ଯୋଗୁଁ ଚାଷ ଉପରେ ସାଂଘାତିକ ପ୍ରଭାବ ପଡୁଛି। ଓଡ଼ିଶାରେ ୪୦ ଲକ୍ଷ ହେକ୍ଟର ଏକରରୁ ଅଧିକ ଜମିରେ ଖରିଫ ଚାଷର ଉତ୍ପାଦନ ନିର୍ଭର କରିଥାଏ। କେବଳ ଖରିଫ ନୁହେଁ ରବି ଋତୁ ପାଇଁ ବିଭିନ୍ନ ପରିବେଶ ଓ ପାଣିପାଗର ଆବଶ୍ୟକତା ରହିଛି। ସେଥିପାଇଁ ପାରମ୍ପରିକ କୃଷି ପଦ୍ଧତିରେ ଖରା ଓ ଶୀତ ମାସ ପାଇଁ ଭିନ୍ନ ଭିନ୍ନ ଚାଷ କରାଯାଇଥାଏ। ପାଣିପାଗ, ଜଳବାୟୁ ବର୍ଷା ଉପରେ ଚାଷର ବୃଦ୍ଧି, ଓ ଉତ୍ପାଦନ ନିର୍ଭର କରିଥାଏ। ଅର୍ଥାତ୍ ଏଥିରେ ଅସମାନତା ଆସିଲେ ଉତ୍ପାଦନ ପ୍ରଭାବିତ ହୁଏ। କିନ୍ତୁ ଗତ କିଛି ବର୍ଷ ହେବ ଓଡ଼ିଶାରେ କ୍ରମାଗତ ଭାବେ ବର୍ଷାରେ ଅନିୟମିତତା ଦେଖାଦେଉଛି। ଜୁନରୁ ସେପ୍ଟେମ୍ବର୪ ମାସ ବର୍ଷା ହେଉଥିବାବେଳେ ଏବେ ସେଥିରେ ପରିବର୍ତ୍ତନ ଆସିଛି। ଜୁଲାଇ ଓ ଅଗଷ୍ଟ ମାସରେ ସର୍ବାଧିକ ବର୍ଷା ହେବା କଥା ହେଲେ ଗତ ୫ ବର୍ଷ ହେବ ଜୁଲାଇ ମାସରେ କ୍ରମାଗତ ଭାବେ ବର୍ଷାର ପରିମାଣ କମିଛି। ଯାହାକି ସ୍ୱାଭାବିକ ଠାରୁ ବି କମ। ପୁଣି ମୌସୁମୀର ଆଗମନରେ ଯଦିଓ ବର୍ଷା ହେଉଛି ହେଲେ ତାହା ଦୀର୍ଘସ୍ଥାୟୀ ହେଉନି। ଫଳରେ କୃଷିରେ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ଯାହାକି ଜଳବାୟୁ ପରିର୍ତ୍ତନର ଭୟାବହତାକୁ ଆଙ୍ଗୁଳି ଦେଖାଉଛି। ୨୦୨୧ର ଏକ କୃଷି ଭିତ୍ତିକ ରିପୋର୍ଟରୁ ଜଣାଯାଇଛି ଯେ ବିଶ୍ୱରେ ୬୯୦ ନିୟୁତ ଲୋକ ଅର୍ଥାତ୍ ସମ୍ପୂର୍ଣ୍ଣ ଜନସଂଖ୍ୟାର ୮.୯% ପ୍ରତିଦିନ ଖାଦ୍ୟ ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବଦଳୁଥିବା ପାଣିପାଗ ଯୋଗୁଁ ବିଶ୍ୱରେର କେବଳ ଖାଦ୍ୟ ଉତ୍ପାଦନ କମିନି ବରଂ ଖାଦ୍ୟର ଗୁଣବତ୍ତା ବି ନଷ୍ଟ ହୋଇଛି। ଅମଳ ସାଙ୍ଗକୁ ପଶୁପାଳନର ଉତ୍ପାଦନ ବି କମିଛି। ଋଷ, ୟୁକ୍ରେନ ଯୁଦ୍ଧ ପାଇଁ ବିଶ୍ୱରେ ଖାଦ୍ୟ ସଙ୍କଟ ମଧ୍ୟ ଦେଖାଦେବ। ଏ ସବୁ ପରିସ୍ଥିତିକୁ ଦେଖିଲେ ଋତୁକାଳୀନ ପାଗର ଅଚାନକ ପରିବର୍ତ୍ତନ କୃଷି ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛି।

# ବିଦେଶୀ ସାଇବର ଠକଙ୍କ ନିଶାଣରେ ସରକାରୀ ୱେବସାଇଟ୍



**ଶେଖ୍ ଫରିଦଉଦ୍ଦିନ**
ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୦୪୮୮୮

ସାଇବର ଠକେଇ ସମଗ୍ର ରାଜ୍ୟରେ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଠକମାନେ ଟଙ୍କା ଓ ତଥ୍ୟ ପାଇଁ ସାଧାରଣ ଲୋକଙ୍କୁ ମାଧ୍ୟମ କରୁଥିବା ବେଳେ ଅନେକ ସମୟରେ ସରକାରୀ ୱେବସାଇଟଠୁ ଆରମ୍ଭ କରି ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ସଂସ୍ଥାର ୱେବସାଇଟକୁ ଟାର୍ଗେଟ କରାଯାଉଛି। ବଡ଼କଥା ହେଉଛି, କିଛି ବର୍ଷ ହେଲା ରାଜ୍ୟରେ ଲଗାତାର ଭାବେ ସରକାରୀ ଶିକ୍ଷାନୁଷ୍ଠାନ, ମେଡ଼ିକାଲ, କୃଷି, ପରିବହନ ଓ ସ୍ୱାସ୍ଥ୍ୟ ବିଭାଗର ୱେବସାଇଟକୁ ବାହାର ଦେଶର ହ୍ୟାକର ଟାର୍ଗେଟ କରୁଛନ୍ତି। ବାରମ୍ବାର ହ୍ୟାକ କରି ସାଇବର ଠକ ନିଜ ଦେଶ ନାଁ ନଚେତ ଦେଶ ବିରୋଧୀ ସ୍ଲୋଗାନ ଲେଖୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ମୁତାବକ, ୨୦୧୮ରୁ ୨୦୨୦ ମଧ୍ୟରେ ଦେଶରେ ପ୍ରାୟ ୭୦ ହଜାରରୁ ଅଧିକ ୱେବସାଇଟ ହ୍ୟାକ ହୋଇଥିଲା। ସେଥିମଧ୍ୟରୁ ରାଜ୍ୟର ପ୍ରାୟ ୨ ହଜାର ୱେବସାଇଟ ହ୍ୟାକ ହୋଇଥିବାବେଳେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ଏକାଧିକ କଲେଜ ଓ ୟୁନିଭରସିଟି ହ୍ୟାକ ହେଉଥିବା ଜଣା ପଡ଼ିଛି। ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ମନ୍ତ୍ରଣାଳୟ ଓ ଏହା ବିଭାଗର ୱେବସାଇଟ ନାଁରେ ନକଲି ୱେବସାଇଟ ଖୋଲାଯାଇ ଟଙ୍କା ମଧ୍ୟ ଆଦାୟ ହେଉଥିବା ଦୃଷ୍ଟାନ୍ତ ରହିଛି।

ଓଡ଼ିଶାରେ ସାଇବର ଠକଙ୍କ କିଛି କାରନାମା ଉଲ୍ଲେଖ କରୁଛୁ। ଫେବୃଆରୀ ୨୦୧୯ : ସାଲେପୁର, ବାଲୁଗାଁ, ହିନ୍ଦୋଳ ସମେତ ୫୦ରୁ ଅଧିକ ସରକାରୀ କଲେଜ ଓ ଓଏଏସ ଆସୋସିଏସନର ୱେବସାଇଟ ହ୍ୟାକ ହୋଇଥିଲା। ଏପ୍ରିଲ୨୦୧୬ : ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ (ଓଏସଏସସି)ର ୱେବସାଇଟ ହ୍ୟାକ ହୋଇଥିଲା। ୨୨ ଜୁଲାଇ ୨୦୧୮ : କମଳା ନେହରୁ କଲେଜ ୱେବସାଇଟ ହ୍ୟାକ। ୭ ଏପ୍ରିଲ ୨୦୨୧ : ବାରିପଦା ମ୍ୟୁନିସିପାଲଟିର ୱେବସାଇଟ ହ୍ୟାକ କରିଥିଲେ ସାଇବର ଠକ। ଜାନୁଆରୀ ୨୦୧୯ : ଉତ୍କଳ ବିଶ୍ୱବିଦ୍ୟାଳୟର ୱେବସାଇଟ ହ୍ୟାକ ହୋଇଥିଲା। ୨୨ ଅକ୍ଟୋବର ୨୦୨୧ : ସାଇବର ଠକମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରିଭାନ୍ସ ୱେବସାଇଟ ହ୍ୟାକ କରିଥିଲେ।

କଲେଜ ୱେବସାଇଟକୁ ଅଧିକ ଟାର୍ଗେଟ କରାଯାଉଛି। ସାଇବର ବିଶେଷଜ୍ଞଙ୍କ ସୂଚନା ଅନୁସାରେ, ବାହାର ଦେଶର ସାଇବର ଠକମାନେ ସବୁବେଳେ ଶିକ୍ଷାନୁଷ୍ଠାନକୁ ଟାର୍ଗେଟ କରନ୍ତି। କାରଣ ଶିକ୍ଷାନୁଷ୍ଠାନର ଏହି ସାଇଟରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପିଲାଙ୍କ ତଥ୍ୟ ଅପଲୋଡ୍ ହୋଇଥାଏ। ତେଣୁ ଏହାକୁ ହ୍ୟାକ କରି ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ଡାର୍କୱେବରେ ବିକ୍ରି କରାଯାଏ। ଏହାକୁ ସାଇବର ଠକ କିଣି ଜାଲ ବ୍ୟାଙ୍କ ଆକାଉଣ୍ଟ ଓ ସିମ କାର୍ଡ଼ ସକ୍ରିୟ କରିଥାନ୍ତି। ପରେ ସେହି ସିମରୁ ଅଜଣା ନମ୍ବରକୁ ଫୋନ କରି ଠକେଇ କରନ୍ତି ଓ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ସ୍ଥାନାନ୍ତର କରିଥାନ୍ତି। ସେହିଭଳି ଅନ୍ୟ ବିଦେଶୀ ସାଇବର ଠକମାନେ ନିଜ ଦେଶ ବିଷୟରେ ତଥ୍ୟ ଦେବା ତଥା ଉପସ୍ଥିତି ଜାହିର କରିବା ପାଇଁ କଲେଜ ୱେବସାଇଟକୁ ଟାର୍ଗେଟ କରନ୍ତି। ପରେ ଏହା ସଂପୃକ୍ତ ଦେଶର ସାଇବର ଠକ ଦ୍ୱାରା ହ୍ୟାକ ହୋଇଥିବା ଉଲ୍ଲେଖ ଥାଏ। ବିଶେଷକରି ପାକିସ୍ତାନୀ ସାଇବର ଠକ ଏଭଳି କରୁଥିବା ନଜିର ରହିଛି।

ନକଲି ସରକାରୀ ୱେବସାଇଟ କରି ବେକାର ଯୁବକ ଯୁବତୀଙ୍କୁ ଠକେଇ : ମହାମାରୀ କରୋନା ପାଇଁ ବହୁ ଯୁବକ ଯୁବତୀ ଚାକିରି ହରାଇଥିଲେ। ନୂଆ ନିଯୁକ୍ତି ପାଇଁ ସେମାନେ ଅନଲାଇନରେ ବିଭିନ୍ନ ସଂସ୍ଥାରେ ଆବେଦନ କରୁଥିବା ବେଳେ ସାଇବର ଠକ ଏହାକୁ ଏକ ସୁଯୋଗ ଭାବିଥିଲେ। ଗତ ୨୦୨୧ ଜୁଲାଇ ୧୬ରେ ସାଇବର ଠକ କେନ୍ଦ୍ରୀୟ ନିଯୁକ୍ତି ସଂସ୍ଥା ନାଁରେ ଏକ ନକଲି ୱେବସାଇଟ ଖୋଲିଥିଲେ।

ୱେବସାଇଟ ହ୍ୟାକ ପାଇଁ ମେଲରେ ଆସୁଛି ଭାଇରସ ୨୦୧୬ରେ ରାଜ୍ୟରେ ପ୍ରଥମ ଥର ପାଇଁ ଏକାବେଳେ ୫୦ରୁ ଅଧିକ କଲେଜ ସମେତ ବିଭିନ୍ନ ବିଭାଗକୁ ସାଇବର ଠକ ହ୍ୟାକ କରିଥିଲେ। ଏଥିପାଇଁ ସାଇବର ଠକମାନେ ଏକ ଭାରସର ସହାୟତା ନେଇଥିଲେ। ସବୁ ବିଭାଗରେ ଅପଡେଟ ଆଣ୍ଟିଭାଇରସ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଉଚ୍ଚକ୍ଷମତା ସଂପନ୍ନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଦୀର୍ଘ ୬ ବର୍ଷ ପରେ ସାଇବର ଠକ ଏବେ ପୁଣି ଭାଇରସ ଦ୍ୱାରା ୱେବସାଇଟ ହ୍ୟାକ କରୁଥିବା ଜଣାପଡ଼ିଛି। ନିକଟରେ ପଶ୍ଚିମବଙ୍ଗର ୩ଟି ସରକାରୀ ବିଭାଗର ମେଲ ଆଇଡିକୁ ସାଇବର ଠକ ଲିଙ୍କ ପଠାଇଥିଲେ। ଉକ୍ତ ଲିଙ୍କ ଖୋଲିବା ପରେ ସେମାନଙ୍କ କମ୍ପ୍ୟୁଟର ଓ ୱେବସାଇଟ ସଂପୂର୍ଣ୍ଣ ଅଚଳ ହୋଇଯାଇଥିଲା। ସବୁ ଫାଇଲ ବନ୍ଦ ହୋଇଯିବା ସହିତ ୱେବସାଇଟ ଉପରୁ ବିଭାଗୀୟ କର୍ତ୍ତୃପକ୍ଷ ନିୟନ୍ତ୍ରଣ ହରାଇଥିଲେ। ସାଇବର ବିଶେଷଜ୍ଞଙ୍କ କହିବାନୁଯାୟୀ, ଏହା ଠକଙ୍କ ନୂଆ କାରସାଦି। ବିଶେଷକରି ୱେବସାଇଟ ଅଚଳ କରି ଠକମାନେ କ୍ରିପ୍ଟୋକରେନ୍ସି ଜରିଆରେ ଟଙ୍କା ମାଗନ୍ତି। ଟଙ୍କା ନମିଳିଲେ ୱେବସାଇଟକୁ ପୁରା ତଥ୍ୟ ଉଡାଇ ଦିଅନ୍ତି। ଏ ସଂପର୍କରେ ସାଇବର ବିଶେଷଜ୍ଞ କହିଛନ୍ତି ସରକାରୀ ୱେବସାଇଟକୁ ତୃତୀୟ ପକ୍ଷ ନିୟନ୍ତ୍ରଣ କରୁଥିବାବେଳେ ପ୍ରତିବର୍ଷ ଏହାର ସିକ୍ୟୁରିଟି ସିଷ୍ଟମ ଅଡିଟ କରାଯାଏ ନାହିଁ। ତେଣୁ ସାଇବର ଠକ ଏହାକୁ ସହଜରେ ହ୍ୟାକ କରିଥାଏ। ଏହା ବ୍ୟତୀତ ନୂଆ ସଂସ୍କରଣର ସଫ୍ଟୱେର ବ୍ୟବହାର ନକରିବା, ଦୁର୍ବଳ ଭିତ୍ତିଭୂମି ଓ ନେଟୱାର୍କ ସିଷ୍ଟମ, ୱେବସାଇଟରେ ଥିବା ତ୍ରୁଟି ନସୁଧାରିବା, ଅପଡ଼େଟ ଟେକ୍ନୋଲୋଜି ବ୍ୟବହାର ନକରିବା ଯୋଗୁଁ ସାଇବର ୱେବସାଇଟ ହ୍ୟାକ କରୁଛନ୍ତି। ସୂଚନା ପ୍ରଯୁକ୍ତି ଦିନକୁ ଦିନ ଆଗଉଛୁ ତେଣୁ ସୋସିଆଲ ମିଡ଼ିଆ ବ୍ୟବହାର କରୁଥିବା ବନ୍ଧୁମାନେ ଅତି ସତର୍କ ସହିତ ଏ ଦିଗକୁ ଦେଖନ୍ତୁ। ନିଜେ ସତର୍କ ରୁହନ୍ତୁ ଓ ଅନ୍ୟ ମାନଙ୍କ ଭିତରେ ସଚେତନତା ବଢ଼ାନ୍ତୁ।

# ଶ୍ରୀ ଚୈତନ୍ୟ ଓ କୃଷ୍ଣଭକ୍ତି



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ବୈଷ୍ଣବ ଭକ୍ତି ଯୋଗ ଆନ୍ଦୋଳନର ପ୍ରବକ୍ତା ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କୁ ଗୌଡ଼ୀୟ ବୈଷ୍ଣବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଅବତାର ଭାବେ ଗ୍ରହଣ କରିଛନ୍ତି । 'ଭବିଷ୍ୟ ପୁରାଣ', 'ପଦ୍ମପୁରାଣ', 'ବ୍ରହ୍ମପୁରାଣ', 'ମାର୍କଣ୍ଡେୟ ପୁରାଣ', 'ଗରୁଡ଼ ପୁରାଣ', 'ସ୍କନ୍ଦ ପୁରାଣ', 'ନାରଦ ପୁରାଣ', 'ଭାଗବତ ପୁରାଣ' ଭଳି ପ୍ରାଚୀନ ଶାସ୍ତ୍ରମାନଙ୍କରେ ଭଗବାନ ଶ୍ରୀକୃଷ୍ଣଙ୍କ ପୁନର୍ଜନ୍ମ ସଂପର୍କରେ ଉଲ୍ଲେଖ ରହିଛି । ଉକ୍ତ ଶାସ୍ତ୍ରମାନଙ୍କର ବର୍ଣ୍ଣନା ଭିତ୍ତିରେ ଚୈତନ୍ୟଙ୍କୁ କୃଷ୍ଣଙ୍କ ଅବତାର ଭାବେ ଗ୍ରହଣ କରାଯାଇଛି । 'ଭାଗବତ ପୁରାଣ' ଓ 'ଶ୍ରୀମଦ୍‌ଭଗବଦ୍ ଗୀତା'ର ଦର୍ଶନ ଆଧାରରେ ଚୈତନ୍ୟ 'ଅଚିନ୍ତ୍ୟ ଭେଦ ଅଭେଦ ବେଦାନ୍ତ' ଦର୍ଶନ ପରମ୍ପରା ପ୍ରଚଳନ କରିଥିଲେ । ଚୈତନ୍ୟ, କୃଷ୍ଣଙ୍କ ବିଭିନ୍ନ ରୂପକୁ ପୂଜା କରୁଥିଲେ । ସେ 'ହରେ କୃଷ୍ଣ ମହା ମନ୍ତ୍ର'କୁ ଲୋକପ୍ରିୟ କରାଇଥିଲେ । ସେ 'ଶିକ୍ଷାଷ୍ଟକମ' ନାମକ ଆଠଟି ଭକ୍ତି ସଂଗୀତ ରଚନା କରିଥିଲେ । ଶ୍ରୀ ଶ୍ରୀ ଚୈତନ୍ୟଙ୍କ ପିତା ଶ୍ରୀ ଜଗନ୍ନାଥ ମିଶ୍ର ପିତାମହ ମଧୁକର ମିଶ୍ର ଅବିଭକ୍ତ କଟକ ଜିଲ୍ଲାର (ବର୍ତ୍ତମାନର ଯାଜପୁର ଜିଲ୍ଲା) ଯାଜପୁର ଗ୍ରାମରୁ ୧୪୫୧ ଖ୍ରୀଷ୍ଟାବ୍ଦରେ ଯାଇ ପୂର୍ବ ବଙ୍ଗଳାର ଶ୍ରୀହଟ୍ଟ ଜିଲ୍ଲା ବଡ଼ ଗଙ୍ଗା ଗ୍ରାମରେ ବସତି ସ୍ଥାପନ କରିଥିଲେ । ଶ୍ରୀ ଚୈତନ୍ୟ ୧୪୮୬ ଫାଲଗୁନ୍ ମାସ ପୂର୍ଣ୍ଣିମା ତିଥିରେ ସିଂହ ଲଗ୍ନରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ଶଚୀ ଦେବୀ । ସେତେବେଳେ ଜଗନ୍ନାଥ ମିଶ୍ର ନଦୀୟାର ମାୟାପୁରରେ ବାସ କରୁଥିଲେ । ଶଚୀ ଦେବୀଙ୍କ ପିତା ଜଣେ ପ୍ରସିଦ୍ଧ ଜ୍ୟୋତିଷ ଥିଲେ । ସେ ଚୈତନ୍ୟଙ୍କୁ ଦେଖି କହିଥିଲେ ଏ ପିଲାଟି ବଡ଼ ହେଲେ ବିଦ୍ୱାନ ଆଉ ବୁଦ୍ଧିମାନ ହେବ ଏବଂ ପ୍ରେମ ଧର୍ମ ପ୍ରଚାର କରିବ । ସେ ନିମ୍ବ ଗଛ ମୂଳେ ଜନ୍ମ ହୋଇଥିବାରୁ ତାଙ୍କୁ ପିଲାଦିନେ ନିମାଇଁ ବୋଲି ଡାକୁଥିଲେ । ଏହାଛଡ଼ା ତାଙ୍କୁ ବିଶ୍ୱମ୍ବର ବୋଲି ମଧ୍ୟ ନାମ ଦେଇଥିଲେ କିନ୍ତୁ ତାଙ୍କର ସୁନାରଙ୍ଗର ଚେହେରା ଯୋଗୁଁ 'ଗୌରାଙ୍ଗ' ନାମରେ ସମ୍ବୋଧିତ ହେଉଥିଲେ । ସେ କେଶବ ଭାରତୀ ନାମକ ଜଣେ ସନ୍ୟାସୀଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ସନ୍ୟାସୀ ହୋଇଯାଇଥିଲେ । ସନ୍ୟାସ ଗ୍ରହଣ ସମୟରେ ଗୁରୁ ତାଙ୍କ ନାମ ଦେଲେ ଶ୍ରୀ କୃଷ୍ଣ ଚୈତନ୍ୟ । ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିଲେ । ସେତେବେଳେ ଗଜପତି ଥିଲେ ରାଜା ପ୍ରତାପରୁଦ୍ର ଦେବ । ଶ୍ରୀ ଚୈତନ୍ୟ ଯେଉଁ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ ତାହା ଗୌଡ଼ୀୟ ବୈଷ୍ଣବ ଧର୍ମ ।

ଶ୍ରୀଚୈତନ୍ୟଙ୍କ ଭକ୍ତି ମାର୍ଗରେ ଅଗ୍ରସର ହେବାକୁ ହେଲେ କୃଷ୍ଣ ଭକ୍ତିର ତାତ୍ପର୍ଯ୍ୟ ବୁଝିବାକୁ ହେବ । ଶ୍ରୀକୃଷ୍ଣଙ୍କ ନାମ ଗୁଣାଦିର ଶ୍ରବଣ, କୀର୍ତ୍ତନ, ସ୍ମରଣ, ପୂଜନ, ବନ୍ଦନ, ପରିଚର୍ଯ୍ୟା, ସଖ୍ୟ, ଦାସ୍ୟ ଓ ଆତ୍ମନିବେଦନ ଆଦି ନବଧା ବୈଧିଭକ୍ତିର ସାଧନ କରିବାକୁ ହେବ । ଶ୍ରୀଚୈତନ୍ୟଙ୍କ ଶିକ୍ଷାରେ ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର ଭାବର ପଞ୍ଚାଙ୍ଗ ସାଧନା ବ୍ୟବସ୍ଥା ରହିଛି । ଭଗବାନଙ୍କ ନାମ ସଂକୀର୍ତ୍ତନର ସପ୍ତବିଧ ପ୍ରଭାବ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି ଏହି ଶିକ୍ଷା ବ୍ୟବସ୍ଥାରେ । ପ୍ରଥମ ହେଲା ନାମକାରୀ - ଭକ୍ତର ଚିତ୍ତ ଦର୍ପଣ ମାର୍ଜିତ ହୋଇଥାଏ । ସଂସାରର ମହାଦାବାଗ୍ନି ସଦୃଶ ଜ୍ୱଳନ୍ତ ସନ୍ତାପ ନାମ ବଳରେ ନିର୍ବାପିତ ହୁଏ । ନାମ ପ୍ରଭାବରେ ମାନବ ହୃଦୟରେ ସର୍ବବିଧ ଶ୍ରେୟମାନେ ଚନ୍ଦ୍ରାଲୋକ ସଦୃଶ ଉଦ୍‌ଭାସିତ ହୋଇ ଉଠନ୍ତି । ନାମକାରୀ ବିଭୁ ପାଦପଦ୍ମରେ ଜ୍ଞାନମୟୀ ବଧୂ ଭାବରେ ସେବା କରିଥାଏ । ନାମକାରୀର ହୃଦୟରେ ଦିବ୍ୟ ଆନନ୍ଦର ସାଗର ଉଛୁଳି ଉଠେ । ପ୍ରତ୍ୟେକ ପଦ ନାମର ଉଚ୍ଚାରଣରେ ପୂର୍ଣ୍ଣ ଅମୃତ ଆସ୍ୱାଦନ କରାଯାଏ । ସମଗ୍ର ଆତ୍ମା ପରିତୃପ୍ତ ହୋଇଥାଏ । ଶ୍ରୀଚୈତନ୍ୟଙ୍କ ଅଚିନ୍ତ୍ୟ ଭେଦାଭେଦ ଦର୍ଶନ ମତରେ - ଶ୍ରୀକୃଷ୍ଣ ହେଉଛନ୍ତି ଅଚ୍ୟୁତ୍ । ଅର୍ଥାତ୍ ଜୀବଜଗତରେ କାହାଠାରୁ ସେ ବିଚ୍ୟୁତ ନୁହନ୍ତି । ଜୀବ ମଧ୍ୟ ଶ୍ରୀକୃଷ୍ଣଙ୍କ ସେବକ ଭାବରେ ନିତ୍ୟ ଦାସ । ହରି ଶରଣାଗତ ଗୃହୀ ତଥା ଗୃହତ୍ୟାଗୀଙ୍କ ପକ୍ଷରେ ନାମ-ଭକ୍ତି, ଏକ ସମୟରେ ପରିବାର ପୋଷଣ ସହିତ ହରି ଭଜନ କରିବାର ସୁଗମ ପନ୍ଥା । ଜୀବନ୍ମୁକ୍ତମାନେ ଆତ୍ମାରାମ ହୋଇ ମଧ୍ୟ ପ୍ରେମୀ ଭକ୍ତ ଭାବରେ ଶ୍ରୀକୃଷ୍ଣଙ୍କର ସେବାର୍ଚ୍ଚନା କରନ୍ତି । ବ୍ରଜାଙ୍ଗନା ମଧ୍ୟ ଭବବନ୍ଧନମୁକ୍ତ ନିତ୍ୟସିଦ୍ଧା ଥିଲେ । ସେମାନଙ୍କର ଜଡ଼ୀୟ ଗୁଣମୟ ଦେହଭାବ ଦୂର ହୋଇଥିଲା ଏବଂ ଯୋଗମାୟାଙ୍କ ଦ୍ୱାରା ସେମାନେ ଲାଭ କରିଥିଲେ ଅପ୍ରାକୃତ ସିଦ୍ଧ ଦେହ । ଶ୍ରୀଚୈତନ୍ୟଙ୍କ ଭାଷାରେ ଅଦ୍ୱୟ ଶ୍ରୀକୃଷ୍ଣ - ଶ୍ରୀଜଗନ୍ନାଥ ନୀଳାଚଳରେ ବିଦ୍ୟମାନ । ତେଣୁ ନୀଳାଚଳ ଧାମ ପୁରୀ ହେଉଛି ମର୍ତ୍ତ୍ୟର ବୈକୁଣ୍ଠଧାମ । ସେହି ଆନନ୍ଦମୟ, ପ୍ରେମମୟ, ଐଶ୍ୱର୍ଯ୍ୟ, ମାଧୁର୍ଯ୍ୟ ମଣ୍ଡିତ ଦିବ୍ୟ ଦେହଧାରୀ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମିଳେ ଗୁରୁ ଓ ଭଗବାନଙ୍କ ଅପାର କରୁଣା । ଶ୍ରୀ ଚୈତନ୍ୟଙ୍କ ଆଗମନ ପୂର୍ବରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚାର ହୋଇସାରିଥିଲା । ପଞ୍ଚମ ଓ ଷଷ୍ଠ ଶତାବ୍ଦୀରେ କଳିଙ୍ଗ ସାମ୍ରାଜ୍ୟ ଶାସନ କରୁଥିବା ମଠର ଓ ପୂର୍ବୀ ଗଙ୍ଗ ବଂଶର ରାଜାମାନେ ବୈଷ୍ଣବ ଧର୍ମର ଥିବା ଜଣାଯାଏ । ଏହାଛଡ଼ା ଏକାଦଶ ଶତାବ୍ଦୀ ବେଳକୁ ଭକ୍ତ କବି ଜୟଦେବ ଗୀତ ଗୋବିନ୍ଦ କାବ୍ୟ ରଚନା କରି ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚାର ଓ ପ୍ରସାରରେ ସାହାଯ୍ୟ କଲେ । ଏହିପରି ଭାବେ ଓଡ଼ିଶାରେ ବୈଷ୍ଣବ ଧର୍ମର ଧାରା ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରବାହିତ ହୋଇଆସି ପଞ୍ଚସଖା ଯଥା ଭକ୍ତ କବି ଜଗନ୍ନାଥ ଦାସ, ଭକ୍ତ କବି ବଳରାମ ଦାସ, ମହାପୁରୁଷ ଅନନ୍ତ ଯଶୋବନ୍ତ ଓ ମହାପୁରୁଷ ଅଚ୍ୟୁତା ନନ୍ଦଙ୍କ ଦ୍ୱାରା ଓଡ଼ିଶୀ ବୈଷ୍ଣବ ଧର୍ମର ପ୍ରସାର ମାନ୍ୟତା ଲାଭ କରିସାରିଥିଲେ । ଏହି ବର୍ଷ ଚୈତନ୍ୟ ଦେବଙ୍କ ୫୩୪ ବର୍ଷ ପ୍ରବେଶ (ଶ୍ରୀ ଶ୍ରୀ ଚୈତନ୍ୟାବ୍ଦ) ।

# ଫିନାଇଲ୍ କ୍ଷୀରି ଖାଇ ୧୭ ଅସୁସ୍ଥ

**ବାଲେଶ୍ୱର(ସଂପର୍କବାର୍ତ୍ତା):-** ବାଲେଶ୍ୱର ଜିଲ୍ଲା ରୁପ୍‌ସା ଥାନା ଯୋଗେନ୍ଦ୍ର ରିଜିଓନାଲ ଯୁକ୍ତ ଦୁଇ ବିଜ୍ଞାନ କଲେଜ ହଷ୍ଟେଲ୍‌ରେ ଆଜି ମଧାହ୍ନଭୋଜନ ଖାଇବା ପରେ ୧୭ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ସେଥିମଧ୍ୟରୁ ୩ଜଣଙ୍କୁ ରୁପସା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବାବେଳେ ୧୪ଜଣଙ୍କୁ ବଡ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଛାତ୍ରୀମାନେ ସାସ୍ଥ୍ୟବସ୍ଥା ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ସୂଚନା ଅନୁସାରେ, ଆଜି କଲେଜର ଛାତ୍ରୀନିବାସରେ ସବୁଦିନ ପରି ମଧାହ୍ନ ଭୋଜନ ପାଇଁ ରୋଷେଇ ହୋଇଥିଲା ୨୦ରୁ ଅଧିକ ଛାତ୍ରୀ ରୋଷେଇ ହୋଇଥିବା ଖାଦ୍ୟ ଖାଇଥିବା ତେବେ ଖାଦ୍ୟ ଖାଇବା ପରେ ୧୭ଜଣ ଛାତ୍ରଙ୍କ ପେଟବ୍ୟଥା ସହ ବାନ୍ତି




ହୋଇଥିଲା ଫଳରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ସଂଗେ ସଂଗେ ରୁପ୍‌ସା ଡାକ୍ତରଖାନାକୁ ନେଇଥିଲେ ସେଠାରେ ଚିକିତ୍ସାଧୀନ ୧୪ଜଣ ଛାତ୍ର ଛାତ୍ରୀଙ୍କ ଅବସ୍ଥା ଗୁରୁତ୍ୱର ହେବାରୁ ସେମାନଙ୍କୁ ବାଲେଶ୍ୱର ବଡ ଡାକ୍ତରଖାନା ସ୍ଥାନାନ୍ତ ର କରାଯାଇଥିଲା ଆଶୁ ଚିକିତ୍ସା ପରେ ଅନ୍ୟ ୩ଅନ୍ୟ ୩ଜଣ ଛାତ୍ରୀଙ୍କୁ ରୁପସା ଡାକ୍ତରଖାନାରୁ ଛାଡି ଦିଆଯାଇଥିବା ଭାରପ୍ରାପ୍ତ ଚିକିତ୍ସାକାରୀ ଡାକ୍ତର ବିନୟଦାସ କହିଛନ୍ତି। କିଛି ଛାତ୍ରୀଙ୍କ କହିବାନୁସାରେ, ମଧାହ୍ନଭୋଜନରେ ରନ୍ଧା ହୋଇଥିବା ଡାଲିରୁ ଏକ ପ୍ରକାର ଉତ୍କଟ ବାସ୍ନା ବାହାରୁଥିଲା ଘଟଣା ସଂପର୍କରେ ସୂଚନା ପାଇବା ପରେ କଲେଜ ପରିସରରେ ଅଭିଭାବକମାନେ ପହଂଚିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବର ଲେଖା ହେବା ଯାଏ କଲେଜ କର୍ତ୍ତୃପକ୍ଷଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମାଛଚାଷ ପାଇଁ ନାବାର୍ଡ ଦେବ ୧୧୯କୋଟି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ମାଛଚାଷ ଓ ଜଳଚର ପ୍ରାଣୀ ସମ୍ପଦର ବିକାଶ ଲାଗି ଜାତୀୟ କୃଷି ଗ୍ରାମୀଣ ବିକାଶ ବ୍ୟାଙ୍କ ର ଆଂଚଳିକ କାର୍ଯ୍ୟାଳୟ ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟ ସରକାର ଙ୍କ ପାଇଁ ୧୧୯.୮୦କୋଟି ଟଙ୍କା ମଞ୍ଜୁର କରିଛି। ଏନେଇ ନାବାର୍ଡ ଓ ରାଜ୍ୟ ସରକାର ଙ୍କ ମଧ୍ୟରେ ଏକ ରାଜିନାମ ସାକ୍ଷରିତ ହୋଇଛି। ନାବାର୍ଡ ସିଜିଏମ୍ ସି ଉଦୟଭାସ୍କର ଓ ଅର୍ଥ ବିଭାଗରେ ପ୍ରମୁଖ ବିଶାଳ କୁମାର ଦେବଙ୍କ ମଧ୍ୟରେ ବୁଝାମଣା ସାକ୍ଷରିତ ହୋଇଛି। ମାଛଚାଷ ଓ ଜଳଚର ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ନାବାର୍ଡ ଏହି ପାଣ୍ଠ ମଞ୍ଜର କରିଛି। ଉଭୟ ସାମୁଦ୍ରିକ ଓ ଅନ୍ତର୍ଦେଶୀୟ ମତ୍ସ୍ୟଚାଷ କ୍ଷେତ୍ରରେ ଭିତ୍ତିଭୂମି ସୁବିଧା ବିକଶିତକରିବାରେ ଏହି ପାଣ୍ଠି ବିଶେଷ ସହାୟକ ହେବ ଓ ଏହାର ପ୍ରଭାବରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିପାଇବା ବୋଲି ଶ୍ରୀ ଉଦୟଭାସ୍କର କହିଛନ୍ତି।

# ନାଉଗାଁରେ ରକ୍ତଦାନ ଶିବିର



**ନାଉଗାଁ(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ନାଉଁଗା ବ୍ଲକ ତିହୁଡା ମା ଜାଗୁଳାଇ ପୀଠ ରେ ସାର୍ବୋତମ ସୋସିଆଲ ଅର୍ଗାନାଇଜେସନ ଓ ସୋସିଆଲ ଅର୍ଗାନାଇଜେସନ ଭଏସ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଓ ମହିଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରାରମ୍ଭରେ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ।ଏହାପରେ ଏକ ସଭାକକ୍ଷର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଏଥିରେ ସୋସିଆଲ ଅର୍ଗାନାଇଜେସନ ର ସଭାପତି ସୁଶାନ୍ତ କୁମାର କାଫ ସଭାପତିତ୍ୱ କରିଥିଲେ ଓ ସମ୍ମାନୀତ ଅତିଥି ଭାବରେ ବାବା ସତ୍ୟାନନ୍ଦ ଦାସ ଅବସରପ୍ରାପ୍ତ ଶିକ୍ଷୟତ୍ରୀ କୁହୁକିନି ରାଉତରାୟ ଯୋଗଦେଇଥିଲେ। ମଞ୍ଚ ପରିଚାଳନାରେ ରବୀନ୍ଦ୍ର କୁମାର ବେହେରା ସମ୍ପାଦିକା ଶ୍ରାବଣୀ ରାୟ, ସମାଜସେବୀ ପ୍ରସଂନଜିତ ସାହୁ, ସାଗର ନାୟକ, ପ୍ରଦୀପ ଲେଙ୍କା, ପୁନମ ନାୟକ, ମିନତୀ ବେହେରା ଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଟି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ସାବଲମ୍ବୀ କ୍ଷେତ୍ରରେ ସମାଜ ର ଉପକାରିତା, ମହିଳା ମାନଙ୍କ କାର୍ଯ୍ୟଦକ୍ଷତା ପ୍ରସଙ୍ଗରେ ଆଲୋକପାତ କରାଯାଇଥିଲା ଓ ପରିଶେଷରେ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

**୩୩ୟୁନିଟ ରକ୍ତ ସଂଗୃହିତ**

# ରଘୁନାଥପୁରରେ ବଦମାସ୍ ବେପାରୀଙ୍କ କବ୍‌ଜାରେ ଧାନମଣ୍ଡି

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଶହ ଶହ ଚାଷୀଙ୍କର ହଜାର ହଜାର କ୍ୱିଣ୍ଟାଲ ଫେରାଇଲା ମିଲର। ଚାଷୀ ମୁଣ୍ଡରେ ଚଡକ। ପ୍ରକାଶଥାଉକି, ଜଓ୍ୱାଦ ସାମୁଦ୍ରିକ ଝଡରେ ରଘୁନାଥପୁର ବ୍ଲକରେ ବିଭିନ୍ନ ଧାନମଣ୍ଡିରେ ଚାଷୀମାନଙ୍କର ଧାନ ଟିକେ ମଇଳା କିମ୍ବା ପାଣିରେ ପଡି ସାମାନ୍ୟ ରଙ୍ଗ ବଦଳି ଥିବାରୁ ଉକ୍ତ ଧାନ ଗୁଡିକୁ ମିଲରମାନେ ନେଉ ନାହାଁନ୍ତି। ପ୍ରକାଶଥାଉକି, ଗତ ଜଓ୍ୱାଦ ସାମୁଦ୍ରିକ ଝଡ

**ହଜାର ହଜାର କ୍ୱିଣ୍ଟାଲ ଧାନ ଫେରାଇଲା ମିଲର**

ପ୍ରଭାବରେ ଲଗାଣ ବର୍ଷା ପାଚିଲା ଧାନ ଉଦ୍‌ବୃତ୍ତ ବର୍ଷା ଜଳରେ ୪-୫ ଦିନ ବୁଡି ରହିଲା। ଫଳରେ ଏହି ଧାନ ଗୁଡିକ ଭଲ ଥିଲେ ମଧ୍ୟ ଧାନର ରଙ୍ଗ ବର୍ଷା ଜଳରେ ମଇଳା ହୋଇଥିବାରୁ ମଣ୍ଡି ମାନଙ୍କରେ ମିଲର ଉକ୍ତ ଧାନକୁ ନେଉ ନାହାଁନ୍ତି। ମାତ୍ର ଉକ୍ତ ଚାଷୀଙ୍କର ଟୋକନରେ ଦେବାକୁ ଥିବା ଧାନକୁ ବେପାରି ମାନେ ଦେଉଥିବା ଦେଖିବାକୁ ମିଳିଛି। ଜାନୁୟାରୀ ମାସରୁ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଆଜି ସୁଦ୍ଧା ସମସ୍ତ ଧାନମଣ୍ଡିରେ ଟୋକନ ପାଇଥିବା ଶହଶହ ଚାଷୀଙ୍କର ଧାନ କିଣାଯାଇନାହିଁ। ଆହୁରି ଶହ ଶହ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ଦିଆଯାଇନାହିଁ। କେତେକ ଧାନ ମଣ୍ଡିରେ



ବେପାରିମାନେ ବିଭିନ୍ନ ଚାଷୀଙ୍କ ନାମରେ କାର୍ଡ କରି ସେମାନଙ୍କ ନାମରେ ଧାନ ଦେଉଥିବା ଅଭିଯୋଗ ହୋଇଛି। ହଜାର ହଜାର ଚାଷୀଙ୍କର ହଜାର ହଜାର କ୍ୱିଣ୍ଟାଲ ଧାନ ଅମଳ କରି ବାହାରେ ପକାଇ ରଖୁଥିଲେ ମଧ୍ୟ ଉକ୍ତ ଧାନକୁ ନିମ୍ନମାନର ଧାନ ଦର୍ଶାଇ ମିଲରମାନେ ନେଉନାହାଁନ୍ତି। ବିଭିନ୍ନ ଧାନମଣ୍ଡିକୁ ଟାଉଟର ଓ ଦଲାଲଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି। ମିଲରମାନେ ଭଲ ଧାନକୁ ମଧ୍ୟ ୨କିଲୋରୁ ୫କିଲୋ ପର୍ଯ୍ୟନ୍ତ ପ୍ରତିକ୍ୱିଣ୍ଟାଲ କାଟୁଛନ୍ତି। ଶହଶହ ମଧ୍ୟବୀତ୍ତ, ଗରିବ ଚାଷୀମାନେ ଧାର କରଜ କରି ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ସୁନା, ରୂପା ବନ୍ଧକ ରଖି ବହୁ କଷ୍ଟରେ ଖରିଫ ଧାନଚାଷ କରିଥିଲେ। ଜଓ୍ୱାଦ ସାମୁଦ୍ରିକ ଝଡରେ ଶତକଡା ୭୫ଭାଗ ଧାନ ନଷ୍ଟ ହୋଇଯାଇଛି। ଆଉ ଅବଶିଷ୍ଟ ଶତକଡା ୨୫ଭାଗ ଧାନକୁ ମଣ୍ଡିରେ ମିଲରମାନେ ଖରାପ ଧାନ କହି ଫେରାଇ ଦେଉଛନ୍ତି। ଏବେ ଚାଷୀ କରିବେ କଣ? ଋଣ ସୁଝିବେ କିପରି? ସେହି ଚିନ୍ତାରେ ପଡିଛନ୍ତି ଶହଶହ ଚାଷୀ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ଚାଷୀମାନଙ୍କର ଥିବା ଧାନକୁ ମିଲର କିଣିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଜିଲ୍ଲା କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି।

# ଜଗତସିଂହପୁର ଜିଲ୍ଲାପାଳ ପାରୁଲ୍ ପଟୱାରୀଙ୍କ ପ୍ରସ୍ତୁତି ବୈଠକ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପାରୁଲ୍ ପଟାଓ୍ୱରୀଙ୍କ ଅଧକ୍ଷତାରେ ଆଭାଷୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଯୋଗଦେଇ ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ କହିଲେ ଗ୍ରୀଷ୍ମ ପ୍ରବାହ ସମୟରେ କଟକ-ପାରାଦ୍ୱୀପ ରାସ୍ତାର ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥାର ଆବଶ୍ୟକତା ରହିଛି। ଜିଲ୍ଲାର ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ ଓ ପ୍ରତ୍ୟେକ ମେଡିକାଲରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ପାରୁଲ୍ ପଟାଓରୀ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ୍, ପ୍ରାଣୀ ସଂପଦ ବିଭାଗରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ସହିତ ବ୍ଲକ ସ୍ତରରେ ୨୪ଘଣ୍ଟିଆ, ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ପ୍ରତ୍ୟେକ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ନିମନ୍ତେ ଅଭିଯୋଗ ରେଜିଷ୍ଟର ରହିବ। ପୌର ପରିଷଦ ନିର୍ବାହୀ ଅଧିକାରୀ ଓ ବି.ଡି.ଓ ମାନେ ସରପଂଚ ଓ ପଂଚାୟତ ପ୍ରତିନିଧି ମାନଙ୍କୁ ସାମିଲ କରି ସଚେତନତା କାର୍ଯ୍ୟକ୍ରମ କରିବେ। ଗ୍ରାମୀଣ ପରିମଳ ଓ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ କହିଲେ ଜିଲ୍ଲାର ବାଲିକୁଦା ବ୍ଲକର ୨୪ଟି ଗ୍ରାମ, କୁଜଙ୍ଗ ବ୍ଲକର ୧୮ଟି ଗ୍ରାମ ଓ ଏରସମା ବ୍ଲକର ୧୮ଟି ଜଳକ୍ଲିଷ୍ଟ ଗ୍ରାମରେ ୱାଟର ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ କରାଯିବ। ସମସ୍ତ ଅଚଳ ନଳକୂପର ତୁରନ୍ତ ମରାମତି ସହିତ ନୂତନ ପାଇପ୍ ଓାଟର ସପ୍ଲାଏ ପ୍ରକଳ୍ପ ଏପ୍ରିଲ ସୁଦ୍ଧା ସାରିବାକୁ ଜିଲ୍ଲାପାଳ



ନିର୍ଦ୍ଦେଶ ଦେଇଥିଲେ। ଯେପରି ଲୋକମାନେ ଘରେ ଘରେ ପାନୀୟ ଜଳ ପାଇ ପାରିବେ। ଟିପିଡିଓସିଏଲ୍ (ବିଦ୍ୟୁତ୍) ନିର୍ବାହୀ ଯନ୍ତ୍ରୀମାନେ ପାଇପ୍ ୱାଟର ସପ୍ଲାଏ ପ୍ରୋଜେକ୍ଟ ଓ ସି.ଏଚ୍.ସି/ ପି.ଏଚ୍.ସି ମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଇବେ। ଜିଲ୍ଲା ମୁଖ୍ୟ

**ଗ୍ରୀଷ୍ମ ପ୍ରବାହ**

ଚିକିତ୍ସା ଅଧିକାରୀ ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ମାନଙ୍କରେ ଅଂଶୁଘାତ ରୋଗୀ ମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀରେ ଏ.ସି,ଏୟାରକୁଲର ବ୍ୟବସ୍ଥା କରିବେ। ପ୍ରଚୁର ପରିମାଣର ବରଫ, ଓ.ଆର୍.ଏସ୍, ସାଲାଇନ୍ ଔଷଧ ମହଜୁଦ୍ ରଖିବେ। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳ ସଂପଦ, ଡ୍ରେନେଜ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀମାନେ କାର୍ଯ୍ୟ ସ୍ଥଳରେ ପାନୀୟ ଜଳ ବ୍ୟବସ୍ଥା ଏବଂ ଶ୍ରମିକ ମାନେ ଯେପରି ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ ନକରନ୍ତି ସେ ସଂପର୍କରେ ସୁନିଶ୍ଚିତ କରାଇବେ। ବି.ଡି.ଓ ମାନେ ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟସ୍ଥଳରେ ଉପରୋକ୍ତ ବ୍ୟବସ୍ଥା କରାଇବେ। ଜିଲ୍ଲା ଶ୍ରମ ଅଧିକାରୀ ଏହାର ତଦାରଖ କରିବେ। ପ୍ରାଣୀ ସଂପଦ ବିଭାଗର ୮ଟି ବ୍ଲକରେ ୮ଟି ମୋବାଇଲ୍ ଟିମ୍ ମାଧ୍ୟମରେ ପ୍ରାଣୀମାନଙ୍କ ଚିକିତ୍ସା ସୁବିଧା କରାଇବେ। ୧୧୭ଟି ଏଲ୍.ଆଇ ସେଣ୍ଟରରେ ପ୍ରାଣୀମାନଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ଗୋରୁହାଟ ମାନଙ୍କରେ ଆର୍.ଏମ୍.ସି ତରଫରୁ ୱାଟର ଟ୍ୟାଙ୍କ ବ୍ୟବସ୍ଥା କରିବେ। ପ୍ରତ୍ୟେକ ନଳକୂପ ନିକଟରେ ସିମେଣ୍ଟ ଟ୍ୟାଙ୍କ ନିର୍ମାଣ କରାଇ ପାଣି ବ୍ୟବସ୍ଥା କରାଯିବ।

# ପ୍ରଶାନ୍ତଙ୍କୁ ବିଜେଡିର କଡା ନିନ୍ଦା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଲୋକଙ୍କ ଉପରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଗାଡି ମଡାଇ ଦେବା ଘଟଣାକୁ ବିଜେଡି କଡା ନିନ୍ଦା କରିଛି। ଏହି ପରିପ୍ରେକ୍ଷୀରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଘଟଣା ଅତ୍ୟନ୍ତ ଲୋମହର୍ଷଣକାରୀ ଓ ବୀଭତ୍ସ।

ବିଧାୟକ ବର୍ବରତାପୂର୍ଣ୍ଣ କାର୍ଯ୍ୟକୁ ବିଜେଡି ନିନ୍ଦା କରୁଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ୍ ଉଚିତ କାର୍ଯ୍ୟାନୁଷ୍ଠାନ ନେଉ। ଦଳ ପକ୍ଷରୁ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଗକୁ ବି ନିଆଯିବ ବୋଲି ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି।



ସେହିପରି ବରିଷ୍ଠ ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଗଣତନ୍ତ୍ରରେ ହିଂସାକାଣ୍ଡ ଗ୍ରହଣୀୟ ନୁହେଁ। ବିଧାୟକ ହୁଅନ୍ତୁ କି ସାଧାରଣ ଲୋକ ହିଂସା ସ୍ପୃହଣୀୟ ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଅପରପକ୍ଷରେ ଏହି ଘଟଣାରେ ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବିଧାୟକ ମଦ ପିଇ ଗାଡି ମଡାଇ ଦେଇଥିବା ପୃଥ୍ୱୀରାଜ କହିଛନ୍ତି। ସେ କହିଛନ୍ତି ଯେ ଲୋକଙ୍କ ଉପରେ ରାଗ ରଖୀ, ଡରାଇବା ପାଇଁ ବିଧାୟକ ଗାଡି ମଡାଇଦେଇଛନ୍ତି। ଏଭଳି କାମ ସୁସ୍ଥ ମସ୍ତିସ୍କ ଥିବା ବ୍ୟକ୍ତିର ହୋଇପାରେନା। ଏଭଳି ଲୋକର ସ୍ଥାନ ଜେଲ୍‌ରେ ବୋଲି ପୃଥ୍ୱୀରାଜ କହିଛନ୍ତି। ଏ ନେଇ ସରକାର କଡା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶା ଥିବା ସେ କହିଛନ୍ତି।

ପ୍ରକାଶ ଯେ, ବାଣପୁରରେ ଅଭାବନୀୟ ଘଟଣା। ଉତ୍ତର ପ୍ରଦେଶ ଲଖୀପୁର ଖେରୀ ଘଟଣାର ପୁନରାବୃତ୍ତି ଖୋର୍ଦ୍ଧାରେ ଦେଖିବାକୁ ମିଳିଛି। ଭିଡ ଭିତରେ ଗାଡି ଚଢାଇଦେଲେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେହିପରି ଆହତଙ୍କ ମଧ୍ୟରେ ୭ ପୋଲିସ୍ କର୍ମୀ ରହିଥିବାବେଳେ ୨ ସାମ୍ବାଦିକ ରହିଛନ୍ତି। ଏହାପରେ ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପ୍ରଥମେ ଟାଙ୍ଗୀ ହସ୍ପିଟାଲ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଛନ୍ତି ଗୁରୁତର ବିଧାୟକ। ଘଟଣାସ୍ଥଳରେ ଏବେ ଚାପା ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁସାରେ, ଆଜି ବାଣପୁର ବ୍ଲକ୍ ଅଧକ୍ଷ ନିର୍ବାଚନ ପ୍ରକ୍ରିୟା ସମୟରେ ସେଠାରେ ଶହ ଶହ ଲୋକେ ରୁଣ୍ଡ ହୋଇଥିଲେ। ଏହି ସମୟରେ ବିଧାୟକ ବ୍ଲକ୍ ପରିସରକୁ ଗାଡି ଧସେଇ ପଶିଥିଲେ। ଭିଡ ଭିତରେ ସେ ଗାଡି ନେବା ସମୟରେ ଲୋକଙ୍କ ଉପରେ ଗାଡି ଚଢାଇ ଦେଇଥିବା ଅଭିଯୋଗ ହୋଇଛି। ଘଟଣାରେ ଗୁରୁତରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କୁ ମାଡ ମାରିଥିଲେ। ସଂଘବଦ୍ଧ ଆକ୍ରମଣରେ ବିଧାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ମଧ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପରେ ଉତ୍ତ୍ୟକ୍ତ ଲୋକେ ବିଧାୟକଙ୍କ ଗାଡି ଭଙ୍ଗାରୁଜା କରିଥିଲେ।

# ୯/୧୦ ନଂ ୱାର୍ଡରେ କଂ. ପୌରାଧକ୍ଷା ପ୍ରାର୍ଥିନି ଅର୍ଚ୍ଚନା

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ପୌରପରିଷଦ୍ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଭିନ୍ନ ଢଙ୍ଗରେ କରୁଥିବା ଦେଖିବାକୁ ମିଳିଛି। ତେବେ କଂଗ୍ରେସ ଦଳର ପୌରାଧକ୍ଷା ପ୍ରାର୍ଥିନି ଅର୍ଚ୍ଚନା ସିଂହ ଆଜି ୱାର୍ଡ ନମ୍ବର ନଅ ଓ ଦଶ ରେ ପ୍ରଚାରକୁ ଜୋରଦାର କରିଥିଲେ।ପୌରାଧକ୍ଷା ଙ୍କ ସହିତ କଂଗ୍ରେସ ଦଳର ନଅ ନମ୍ବର କାଉନସିଲର ପ୍ରାର୍ଥୀ ଜାଗତାନନ୍ଦ ପଢିହାରୀ ଓ ଦଶ ନମ୍ବର ୱାର୍ଡ ର କାଉନସିଲର ପ୍ରାର୍ଥୀ ଆଶିଷ କୁମାର ଗୋଛାୟତ ନିଜର ସମର୍ଥକ ମାନଙ୍କୁ ସାଙ୍ଗରେ ନେଇ ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ।ତେବେ ପୌରାଧକ୍ଷା ପ୍ରାର୍ଥିନି ଅର୍ଚ୍ଚନା ସିଂହ କହିଥିଲେ କଂଗ୍ରେସ ସମୟରେ ଜଗତସିଂହପୁର ପୌରପରିଷଦର ୨୧ଟି ୱାର୍ଡ ରେ ବହୁ ଉନ୍ନତି ମୂଳକ କାର୍ଯ୍ୟ ହୋଇଛି। ଯାହାକିଛି ଅଧୁରା ଅଛି ବିଜୟୀ ହେଲାପରେ ପୌରାଞ୍ଚଳ ର ବିକାଶ ଧାରାକୁ ତ୍ୱରାନ୍ୱିତ କରାଯିବ।ଏପରିକି ପୌରାଞ୍ଚଳ ବାସୀଙ୍କ ସୁଖଦୁଃଖରେ ସାମିଲ ହୋଇ ସବୁବେଳେ ସେବା କରିବାର ସୁଯୋଗ ଦେବା ସହ ବିପୁଳ ସଂଖ୍ୟାରେ ବିଜୟୀ କରିବାକୁ ନିବେଦନ



କରିଛନ୍ତି।ସମର୍ଥକ ମାନଙ୍କ ମଧ୍ୟରେ ପୂର୍ବତନ ପାରିଷଦ ପ୍ରଦୀପ୍ତ କୁମାର ସାହୁ,ବାପୁ ନନ୍ଦ, ମାନସୀ ନନ୍ଦ, ରବିନାରାୟଣ ସାହୁ, ଶେଖ ନଜିର, ଦିଲ୍ଲୀପ କୁମାର ସାହୁ, ଦୀପକ କୁମାର ସାହୁ ରମାକାନ୍ତ ପଢିହାରୀ, ଅବିନାଶ ସାହୁ ପ୍ରମୁଖ ବହୁ ମହିଳା ଓ ଯୁବକ କର୍ମୀମାନେ ସେମାନଙ୍କ ସହ ଘରକୁ ଘର ଯାଇ ବିପୁଳ ସଂଖ୍ୟା ରେ କଂଗ୍ରେସ ଦଳର ପୌରାଧକ୍ଷା ପ୍ରାର୍ଥିନି ଅର୍ଚ୍ଚନା ସିଂହ,ନଅ ନମ୍ବର ୱାର୍ଡର କଂଗ୍ରେସ ଦଳ କାଉନସିଲର ପ୍ରାର୍ଥୀ ଜଗତାନନ୍ଦ ପଢିହାରୀ, ୧୦ନମ୍ବର ୱାର୍ଡର କଂଗ୍ରେସ ଦଳର କାଉନସେଲର ପ୍ରାର୍ଥୀ ଆଶିଷ କୁମାର ଗୋଛାୟତଙ୍କୁ ବିପୁଳ ସଂଖାରେ ଭୋଟଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ।

# ପୂରଣ ହୋଇପାରୁନି ଓଡ଼ିଶା କୋଟା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରତିରକ୍ଷା ସେବାରେ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପାଇଁ ରାଷ୍ଟ୍ରୀୟ ଇଣ୍ଡିଆନ୍ ମିଲିଟାରୀ କଲେଜ, ଡେରାଡୁନ୍‌ରେ ଜାନୁଆରୀ ୨୦୨୩ ଶିକ୍ଷାବର୍ଷ ନିମନ୍ତେ ଯୋଗ୍ୟତା ପରୀକ୍ଷା ଆସନ୍ତା ଜୁନ୍ ୪ ତାରିଖରେ ଅନୁଷ୍ଠିତ ହେବ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ଏହି ସୂଚନା ଦେଇଛନ୍ତି।

ଅଷ୍ଟମ ଶ୍ରେଣୀରେ ପ୍ରବେଶ ପାଇଁ କେବଳ ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଏପ୍ରିଲ୍ ୨୫ ତାରିଖ ସୁଦ୍ଧା ଆବେଦନ କରିପାରିବେ। ଏହି ପ୍ରତିରକ୍ଷା କଲେଜ୍‌ରେ ଓଡ଼ିଶା ରାଜ୍ୟର କୋଟା ପୂରଣ ହୋଇପାରୁନଥିବାରୁ ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀ ଏହାର ସୁଯୋଗ ନେଉଛନ୍ତି। ତେଣୁ ଛାତ୍ରଛାତ୍ରୀଙ୍କୁ ଏ ଦିଗରେ ଧ୍ୟାନ ଆକର୍ଷଣ ତଥା ମାର୍ଗଦର୍ଶନ ନିମନ୍ତେ ଜିଲ୍ଲାର ଏନ୍‌ସିସି ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଅଧିକରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷାରେ ଯୋଗ ଦେଇପାରିବେ ବୋଲି ଆଶା କରାଯାଇଛି।

# ଆରମ୍ଭ ହେଲା ଟାଟା ଷ୍ଟିଲ୍ ଭୁବନେଶ୍ୱର ସାହିତ୍ୟ ଉତ୍ସବ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆରମ୍ଭ ହୋଇଛି ଟାଟା ଷ୍ଟିଲ୍ ଭୁବନେଶ୍ୱର ସାହିତ୍ୟ ଉତ୍ସବ। ସମ୍ବାଦ ସହଯୋଗରେ ଟାଟଷ୍ଟିଲ ପକ୍ଷରୁ ଏହାକୁ ଆୟୋଜନ କରାଯାଇଛି। ସମ୍ବାଦ ଗ୍ରୁପ ଅଧ୍ୟକ୍ଷ ସୌମ୍ୟ ଗ୍ରୁପ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟକ ରମାକାନ୍ତ ରଥ ଓ ଟାଟାଷ୍ଟିଲ କର୍ପୋରେଟ୍ କମ୍ୟୁନିକେସନ ମୁଖ୍ୟ ସର୍ବେଶ୍ କୁମାର ଏହି ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହି ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଶିଷ୍ଟ ସାହିତ୍ୟକ ରମାକାନ୍ତ ରଥ କହିଛନ୍ତି, ସାହିତ୍ୟର ବଡ ବଡ ସୃଷ୍ଟି ଆଉ ବଜାରରେ ନାହିଁ। ଆଜିର ଦିନରେ ବହୁ ମହାନ୍ ଲେଖକଙ୍କ ଲେଖା ହଜିଗଲାଣି ହଜିଗଲାଣି । ଯେପରିକି କାହ୍ନୁ ଚରଣ ମହାନ୍ତି ଓ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ଭଳି ସ୍ରଷ୍ଟାଙ୍କ ଲେଖା ଉପଲବ୍ଧ ନୁହେଁ। ସାହିତ୍ୟରେ ଯେଉଁ ଆବେଗ ଥାଏ ତାହା ସର୍ବକାଳୀନ କିନ୍ତୁ ଆମ ସାହିତ୍ୟ ସର୍ବକାଳୀନ ନ ହୋଇ ସମକାଳୀନ ହୋଇଯାଉଛି ଏହା ହିଁ ସାହିତ୍ୟ ପାଇଁ ବଡ ସଂକଟ। ଏହାକୁ ଉଦଘାଟନ କରି ସମ୍ବାଦ ର ସଂପାଦକ ସୌମ୍ୟରଞ୍ଜବ ପଟ୍ଟନାୟକ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେବା ଏକ ସୁଖଦ ଅନୁଭୂତି ଦେଉଛି। କାରଣ ଗତବର୍ଷ କରୋନା କଟକଣା ହେତୁ ଏହା ବନ୍ଦଥିଲା ରାଜଧାନୀରେ ଏକ ସାହିତ୍ୟ ଉତ୍ସବ ଆୟୋଜନ ହେବା ହିଁ ସୂଚାଇ ଦେଉଛି କି ବର୍ତ୍ତମାନ ଉତ୍ସବ ଆୟୋଜନ ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ଆମ୍ ଆଇ ଅଡିବଲ୍ ଶୀର୍ଷକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା ପୋଡକାଷ୍ଟ ରୋଡିଓ ଓ ଅଡିଓ ବୁକ୍ ଭଳି ମାଧ୍ୟମର ଲୋକପ୍ରିୟତା ବୃଦ୍ଧିପାଇବା ପ୍ରସଙ୍ଗକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏଥିରେ ସମ୍ବାଦ ଗ୍ରୁପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତଥା ରେଡିଓ ଚକଲେଟର ମୁଖ୍ୟ ତନୟା ପଟ୍ଟନାୟକଙ୍କ ସହ ଗାଳ୍ପିକ ସନ୍ଦୀପ ରୟ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ସାହିତ୍ୟକ ପ୍ରସିଦ୍ଧ ଲେଖକ ରସ୍କିନ ବଣ୍ଡ ଅନାଲାଇନରେ ଯୋଡି ହୋଇଥିଲେ। ସାମ୍ବାଦିକ ସମ୍ପଦ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ। ଏହି ସାହିତ୍ୟ ସମାରୋହର ୨ୟ ଦିନରେ ପ୍ରଥିତଯଶା ଓଡିଆ ଲେଖକ ମନୋଜ ଦାସଙ୍କ ସମେତ ନିର୍ମାତା ସତ୍ୟଜିତ ରାୟଙ୍କ ଜୀବନ କାଳ ଓ କୃତି ସଂପର୍କରେ ଆଲୋଚନା କରାଯିବ। ଓଡିଶାରେ ବିଶିଷ୍ଟ ଲେଖନ ଗୌରହରିଦାସ , ଯତିନ୍ଦ୍ର ନାୟକ ଓ ସଂଗ୍ରାମ ଜେନା ମନୋଜ କୃତି ଉପରେ ଆଲୋଚନା କରିବେ। ସେହିପରି ଅଭିନେତା ଧୃତିମାନ ଚାଟାର୍ଜି ଶ୍ରୀରାୟଙ୍କ ପରମ୍ପରା ବିଷୟରେ ଆଲୋଚନା କରିବେ। ସେହିପରି ୩ୟ ଦିନର ଆକର୍ଷଣ ହେଉଛି ଓ ଟିଟି ସଂପର୍କିତ ଏକ ସ୍ୱତନ୍ତ୍ର ଆଲୋଚନା । ଆଲୋଚନାର ଶୀର୍ଷକ ହେଉଛି କଣ ଓଟିଟିର ଲୋକପ୍ରିୟତା ଫିଚର ଫିଲ୍ମକୁ ଉଦ୍ଧାର କରିବ ଅଥବା ଲୁପ୍ତ କରିଦେବ ? ତନୟା ପଟ୍ଟନାୟକଙ୍କ ସହ ଏହି ଆଲୋଚନାରେ ଭାଗ ନେବେ ବଲିଉଡ ଅଭିନେତା ରାହୁଲ ବୋଷ ଓ ଜୟନ୍ତ କୃପାଳିନୀ।

# ରସିକିଆ ନାଗର ଡାକ୍ତର ରମେଶ ସ୍ୱାଇଁ ମିଛ କହୁଛି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମିଛ କହୁଛି ରସିକିଆ ଓ ମିଛୁଆ ଡାକ୍ତର ରମେଶ ସ୍ୱାଇଁ ତାର ମିଛ ଧରିବା ପାଇଁ କମିଶନରେଟ୍ ପୁଲିସ ମିଛଧରା ଯନ୍ତ୍ର ର ସାହାଯ୍ୟ ନେଉଛି। ରସିକିଆ ନକଲି ଡାକ୍ତର ରମେଶ ସ୍ୱାଇଁଙ୍କର ହେବ ଲାଏ ଡିଟେକ୍ସନ ଟେଷ୍ଟ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ହେଉଥିବାରୁ ଲାଏ ଡିଟେକ୍ସନ କରିବ ପୁଲିସ । ଏଥିପାଇଁ ନକଲି ଡାକ୍ତର ରମେଶ ଅନୁମତି ଦେଇଛନ୍ତି। ଆସନ୍ତା ବୁଧବାର ଲାଏ ଡିଟେକ୍ସନର ସାମ୍ନ କରିବେ ନକଲି ଡାକ୍ତର ରମେଶଙ୍କ ଲାଏ ଡିଟେକ୍ସନ କରାଯିବା ନେଇ ମହିଳା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଆଇଟିବିପିର ଜଣେ କମାଣ୍ଡାଣ୍ଟକୁ ବିବାହ କରି ଠିକିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏପରିକି ତାଙ୍କଠାରୁ ୧୯ଲକ୍ଷ ଟଙ୍କା ଠକି ନେଇଥିବା ସେ ଅଭିଯୋଗକରିଛନ୍ତି। ପୀଡିତାଙ୍କ ଅଭିଯୋଗ ପରେ କମିଶନରେଟ୍ ପୁଲିସ ତତ୍ପର ହୋଇଛି ।ନକଲି ଡାକ୍ତ ରମେଶ ସ୍ୱାଇଁଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିବାକୁ ଯାଉଛି। ଯେଉଁ ପୁଲିସ୍ ତିନିତିନି



ଥର ରମେଶକୁ ଜାମିନ୍‌ରେ ଆଣି ଜେରା କରିଥିଲେ ମଧ୍ୟ ସତ ଓଗାଳି ପାରିନାହିଁ ସେପରି ସ୍ଥିତିରେ ଲାଏ ଡିଟେକ୍ସନ୍ ଟେଷ୍ଟରୁ କଣ ସତ ଓଗାଳି ପାଳିବ ?

**ଲାଏ ଡିଟେକ୍ସନ ଟେଷ୍ଟ ହେବ**

ନକଲି ଡାକ୍ତର ରମେଶ ସ୍ୱାଇଁଙ୍କ ଘର କେନ୍ଦ୍ରାପଡାରେ ସେ ୧୯୮୨ରେ ପ୍ରଥମ ବିବାହ କରିଥିଲା ପ୍ରଥମ ପତ୍ନୀଙ୍କଠାରୁ ୩ପିଲା ଅଛନ୍ତି ସେମାନେ ସମସ୍ତେ ଡାକ୍ତର ।୨୦୦୨ ମସିହାରେ ସେ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ମଧ୍ୟ ଦୁଇ ପିଲା ଅଛନ୍ତି ତାପରେ ସେ ଆଉ ୧୮ମହିଳାଙ୍କୁ ବିବାହ କରିଥିଲେ। ମହିଳାଙ୍କୁ ପ୍ରେମ୍ ଜାଲରେ ଫସାଇବା ପାଇଁ ସେ ଡ୍ରାମା କରୁଥିଲେ। କେତେବେଳେ ମିଛି ମିଛିକା କାନ୍ଦୁଥିଲା ତ ।ଆଉ କେତେ ଦେହ ଅସୁସ୍ଥ ବୋଲି ଅଭିନୟ କରୁଥିଲା ଯାହାକୁ ସହଜରେ ବିଶ୍ୱାସ କରିନେଉଥିଲେ ଅସହାୟ ବିଧନା ସ୍ୱାମୀ ପରିତ୍ୟକ୍ତା ମହିଳାମାନେ ଆଉ ତାପରେ ସେମାନଙ୍କୁ ବିବାହ କରିଅୟସ୍ କରୁଥିଲେ ରମେଶ।

ପରିଚୟ ବଦଳାଉଥିଲା କେତେ ବିଦୁପ୍ରସାଦ ତ ଆଉ କେତେବେଳେ ସେ ପାଲଟି ଯାଉଥିଲା ରମଣୀରଞ୍ଜନ।୨୦୧ମସିହାରେ ସେଣ୍ଟ୍ରାଲ୍ ଆର୍ମଡ ଫୋର୍ସରେ କାର୍ଯ୍ୟରତ ପଞ୍ଜାବର ଜଣେ ମହିଳାଙ୍କୁ ବିବାହ ତାଙ୍କ ଠାରୁ ୧୦ଲକ୍ଷ ଠଙ୍କା ଠକି ନେଇଥିଲା ସେହିପରି ଦିଲ୍ଲୀର ଜଣେ ମହିଳାଙ୍କୁ ବିବାହ କରି ଭବନେଶ୍ୱର ଆଣି ରଖିଥିଲା ଏପରିକି ତାଙ୍କଠାରୁ ୧୩ଲକ୍ଷ ରମେଶ ଚଳୁ କରିନେଇଥିଲା

# ପଟ୍ଟାମୁଣ୍ଡାଇରେ ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗ୍ରାମବାସୀ

**ପଟ୍ଟାମୁଣ୍ଡାଇ(ସଂପର୍କବାର୍ତ୍ତା):-** ସରକାର ଗ୍ରାମପଞ୍ଚାୟତ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏଏନ୍‌ଏମ୍ କେନ୍ଦ୍ର ସ୍ଥାପନ କରିଛନ୍ତି। ଲୋକଙ୍କୁ ନିଜ ଘର ପାଖରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ହେଲେ ଦାୟିତ୍ୱରେ ଥିବା କେତେଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟାନୁଷ୍ଠାନ ଯୋଗୁ ଲୋକମାନେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ସରକାରଙ୍କ ପକ୍ଷରୁ ଲୋକଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ, ସ୍ୱାସ୍ଥ୍ୟ ବିଭାଗ ବା ଏଏନ୍‌ଏମ୍ କେନ୍ଦ୍ରର କର୍ମଚାରୀଙ୍କ ରହିବା ପାଇଁ ଗୃହ ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ହେଲେ ପ୍ରାଥମିକ ଚିକିତ୍ସା ସେବା ପାଇବାରୁ ଗ୍ରାମବାସୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଠାରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ଖଡଇଣ୍ଟା ଗ୍ରାମ ପଞ୍ଚାୟତକୁ ଉଦାହରଣ ଭାବେ ନିଆଯାଇଛି। ଉକ୍ତ ପଞ୍ଚାୟତର ୬ ଖଣ୍ଡ ଗ୍ରାମର ଲୋକେ ଖଡିଅଣ୍ଟା ଏଏମ୍‌ଏମ୍ କେନ୍ଦ୍ର ଉପରେ ନିର୍ଭର କରନ୍ତି। ଏହି କେନ୍ଦ୍ରକୁ ଦାୟିତ୍ୱରେ ଥିବା କର୍ମଚାରୀ ଆସୁ ନ ଥିବା ବେଳେ ସୁପରଭାଇଜର ପରିଚାଳନା କରୁଛନ୍ତି। ସୁପରଭାଇଜର୍ ବି ନିୟମିତ ଆସୁ ନଥିବାରୁ ଉକ୍ତ କେନ୍ଦ୍ର ପରିତ୍ୟକ୍ତା ଅବସ୍ଥାରେ ରହିଛି। ଗତ ୪୦ ବର୍ଷ ତଳେ ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏହି କେନ୍ଦ୍ର ସ୍ଥାପନ କରାଯାଇଥିଲା। ଦାୟିତ୍ୱରେ ଥିବା କର୍ମଚାରୀମାନେ ସେହି କେନ୍ଦ୍ରକୁ ପରିଚାଳନା କରିଆସୁଥିଲେ। ହେଲେ ଗତ ୨ ବର୍ଷ ହେବ ଉକ୍ତ କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ଦାୟିତ୍ୱରେ ଥିବା କର୍ମଚାରୀ ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାଁନ୍ତି। ଫଳରେ ଗର୍ଭବତୀ ଓ ପ୍ରାଥମିକ ଚିକିତ୍ସା ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଜରୁରୀ ଆବଶ୍ୟକ ପଡିଲେ ଲୋକମାନେ ୮ କିମି ଦୂର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ନିରାକାର ପରିଡାଙ୍କୁ ଏହି ଅଭିଯୋଗ ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କୁହନ୍ତି, ଉକ୍ତ ଅଞ୍ଚଳର ରୋଗୀ ଏଠାରେ ଆସି ଭଲ ଚିକିତ୍ସା ସୁବିଧା ପାଉଛନ୍ତି। ଏଏମ୍‌ଏମ୍ ଦିଦି କିଛିଦିନ ଛୁଟିରେ ଥିଲେ। ଏଏମ୍‌ଏମ୍ କେନ୍ଦ୍ରକୁ ସେ ନିୟମିତ ଯିବାଆସିବା କରିବା କୌଣସି ଆବଶ୍ୟକ ନାହିଁ।

# ଯାଜପୁର ଯୋଗାଣ ବିଭାଗରେ ଟଙ୍କା ନ ଦେଲେ ଫାଇଲ୍ ଘୁଞ୍ଚୁ ନାହିଁ

**ଯାଜପୁର(ସଂପର୍କବାର୍ତ୍ତା):-** ଯାଜପୁର ଜିଲ୍ଲା ଯୋଗାଣ ବିଭାଗରେ ଲାଞ୍ଚ ନ ଦେଲେ ଟେବୁଲ୍‌ରୁ ଫାଇଲ୍ ଘୁଞ୍ଚେ ନାହିଁ। ପ୍ରତ୍ୟେକ କାର୍ଯ୍ୟରେ ଏହି ବିଭାଗର ଜୁନିୟର ଆସିଷ୍ଟାଣ୍ଟ ରୁଦ୍ରପ୍ରସନ୍ନ ବେହେରା ଅର୍ଥ ଦାବି କରୁଥିବା ଅଭିଯୋଗ ଆସିଛି। ଏପରି କି କର୍ମଚାରୀଙ୍କ ୩୦% ବକେୟା ଦରମା ବାବଦ ପାଇଁ ୧୦୦୦ ଟଙ୍କା ଲେଖାଏଁ ଦାବି କରି ଏ ଯାଏ ଫାଇଲ୍‌କୁ ପକାଇ ରଖିଛନ୍ତି। ଅନ୍ୟ ଜିଲ୍ଲାଗୁଡିକରେ କର୍ମଚାରୀଙ୍କୁ ବକେୟା ଦରମା ମିଳିସାରିଥିବାବେଳେ ଯାଜପୁର ଜିଲ୍ଲାରେ ତାହା ହୋଇପାରିନାହିଁ। ଏହି ମର୍ମରେ ଯାଜପୁର ଜିଲ୍ଲା ଦୁର୍ନୀତି ନିବାରଣ ମଞ୍ଚ ପକ୍ଷରୁ ଓଡ଼ିଶା ଯୋଗାଣ ନିଗମର ଜେନେରାଲ୍ ମ୍ୟାନେଜର(ପ୍ରଶାସନ)କୁ ଲିଖିତ ଅଭିଯୋଗ କରାଯାଇଥିଲା। ଏହାପରେ ନିଗମର ଜେନେରାଲ୍ ମ୍ୟାନେଜର ଜୟଶ୍ରୀ ସେନାପତି ଅଭିଯୋଗ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦାଖଲ କରିବାକୁ ଜିଲ୍ଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କୁ ଗତ ୯ ତାରିଖରେ ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୯ ଏପ୍ରିଲ୍‌ରେ ଏହି ବିଭାଗର ଆକାଉଣ୍ଟ ସେକ୍ସନରେ ମନମାନି, ମିଲର୍ସଙ୍କୁ ଜାଣିଶୁଣି ହଇରାଣ, ବ୍ୟାପକ ପିସି କାରବାର ଓ ଦୁର୍ନୀତି ହୋଇଥିଲା। ହେଲେ ତତ୍କାଳୀନ ସିଏସ୍‌ଓ ମିଥ୍ୟା ତଦନ୍ତ ରିପୋର୍ଟ ଦାଖଲ କରି ଆକାଉଣ୍ଟାଣ୍ଟଙ୍କୁ ସୁରକ୍ଷା ଦେଇଥିଲେ। ଯୋଗାଣ ନିଗମର ଜେନେରାଲ୍ ମ୍ୟାନେଜର(ଜିଏମ୍) ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୬୧୨୦/୨୪/୨୦୧୯ରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ସୁଫଳ ମିଳି ପାରିନଥିଲା। ବିଲ୍ ପାସ୍ ହେବା ପରେ ଏହି ଆକାଉଣ୍ଟାଣ୍ଟ ଓ କେତେଜଣ ଅଧିକାରୀ ମିଲର୍ସ ଓ ଠିକାଦାରଙ୍କ ନିକଟରୁ ମୋଟା ଅଙ୍କର ପିସି ନେଇ ଭାଗବଣ୍ଟା କରୁଥିଲେ। ସମବାୟ ସମିତିରେ ଧାନ କୁଇଣ୍ଟାଲ୍ ପିଛା ୩/୫ କେଜି କଟନି ଛଟନି ହୋଇଥାଏ। ଏହି ବାବଦରେ ସମିତି କିମ୍ବା ମିଲର୍ସଙ୍କଠାରୁ ଅର୍ଥ ଆଦାୟ କରି ଅଧିକାରୀମାନେ ନିଜ ପକେଟ ଗରମ କରିଥାନ୍ତି। ପ୍ରତ୍ୟେକ ମାସରେ ଆର୍‌ଆର୍‌ସିରେ ହେଉଥିବା ଚାଉଳ ବାବଦକୁ କୁଇଣ୍ଟାଲ ପିଛା ୧୦ଟଙ୍କା ହିସାବରେ ମିଲର୍ସ ଓ ପରିବହନ କମ୍ପାନୀଠାରୁ ଲକ୍ଷାଧିକ ଟଙ୍କା ମାସର ପ୍ରଥମ ସପ୍ତାହରେ ଆଦାୟ ହୋଇଥାଏ। ଏହି ଦୁର୍ନୀତିରେ ସଂପୃକ୍ତ କର୍ମଚାରୀ ଓ ଅଧିକାରୀ ଆୟ ବହିର୍ଭୂତ ଠୂଳ କରି ବିଭିନ୍ନ ସ୍ଥାନରେ ବଡବଡ କୋଠାମାନ ନିର୍ମାଣ କରି କୋଟିପତି ସାଜିଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ହେଁ ଦୁର୍ନୀତିରେ ଭାଗୀଦାରି ସାଜିଥିବା ଅଧିକାରୀ ନିଜେ ତଦନ୍ତ କରିଥିବାରୁ ତାହା ବାଟବଣା ହୋଇଥିବା ମତପ୍ରକାଶ ପାଇଥିଲା। ଏହିକ୍ରମରେ ଜୁନିୟର ଆସିଷ୍ଟାଣ୍ଟଙ୍କ ବିରୋଧରେ ଆସିଥିବା ଗୁରୁତର ଅଭିଯୋଗ ସମ୍ପର୍କରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସମୟ କହିବ।

# ଗ୍ରାମରେ ବୁଲୁଥିବା ବାବାଙ୍କ ଲଡୁ ଖାଇ ୬ ଅସୁସ୍ଥ

**ଦଶମନ୍ତପୁର(ସଂପର୍କବାର୍ତ୍ତା):-** ହାତ ଦେଖିବାକୁ ଗାଁକୁ ଆସିଥିଲେ ବୁଲା ବାବା। ଲୋକମାନଙ୍କୁ ଖାଇବାକୁ ଦେଲେ ଲଡୁ। ବୁଲା ବାବାଙ୍କଠାରୁ ଲଡୁ ଖାଇଥିବା ୬ଜଣ ଏବେ ଅସୁସ୍ଥ। ସେମାନଙ୍କ ମଧ୍ୟରୁ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଅଛି। ଗୁରୁତରଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହା କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଚଣାବାଡ ପଞ୍ଚାୟତ ଅଧୀନ ଏସ୍.ଦଣ୍ଡାବାଡ ଗ୍ରାମର ଘଟଣା।



ଗାଁର ପାତ୍ର ସାଉଁତା, ମାନସ ସାଉଁତା(୯), ଲୋକେଶ ସାଉଁତା(୭), ସୁନ୍ଦର କୁଲେସିକା(୪୦), ବେନି ଖୋସଲା(୫୦) ଓ ଲିଙ୍ଗା ଜାନୀ(୩୫) ଅସୁସ୍ଥ ହୋଇଥିଲେ। ମାନସ ଗୁରୁତର ଅଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜଣେ ବାବା ଗାଁକୁ ଆସିଥିଲେ। ସେ ସମସ୍ତଙ୍କ ହାତ ଦେଖି ଭବିଷ୍ୟତ ସମ୍ପର୍କରେ କହିବେ ବୋଲି ଜଣାଇଥିଲେ। ବାବା ଏହାପରେ ପାତ୍ର ସାଉନ୍ତା ବାବାଙ୍କ ପାଖକୁ ଆସିଥିଲେ। ବାବା ତାଙ୍କୁ ଲଡୁ ଖାଇବାକୁ ମଧ୍ୟ ଉକ୍ତ ଲଡୁ ଖାଇବାକୁ ଦେଇଥିଲେ। ପାତ୍ର ବାବାଙ୍କ ପାଖରେ ଥିବା ଅନ୍ୟମାନଙ୍କୁ ମଧ୍ୟ ଉକ୍ତ ଲଡୁ ଖାଇବାକୁ ଦେଇଥିଲେ। ବାବା ସେଠାରୁ ପଳାଇଥିଲେ। କିଛି ସମୟରେ ପରେ ଲଡୁ ଖାଇଥିବା ପାତ୍ର, ମାନସ, ଲୋକେଶ, ସୁନ୍ଦର, ବେନି ଓ ଲିଙ୍ଗାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ମାନସ ଓ ଲୋକେଶଙ୍କୁ ପରିବାର ଲୋକେ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଲୋକେଶ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବାବେଳେ ମାନସଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଅଛି। ତେଣୁ ତାଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସଂପୃକ୍ତ ବାବାଙ୍କୁ ଖୋଜି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଏମ୍‌ସି କମିଶନର ଦେଖୁଛନ୍ତି ଷ୍ଟ୍ରଙ୍ଗ୍‌ରୁମ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୌର ନିର୍ବାଚନ ପାଇଁ ବିଜେବି କଲେଜ୍‌ରେ ଷ୍ଟ୍ରଙ୍ଗ୍‌ରୁମ୍ କରାଯିବ। ଏଣୁ ଏହାର ସ୍ଥିତି କିଭଳି ଅଛି ତାହା ବୁଲି ଦେଖିଛନ୍ତି ବିଏମ୍‌ସି କମିଶନର ସଂଜୟ ସିଂ। ବିଏମ୍‌ସି ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସହ ସେ ଏହି ସବୁ ସ୍ଥାନ ବୁଲି ଦେଖିବା ସହ ଷ୍ଟ୍ରଙ୍ଗ୍‌ରୁମ୍ ଚିହ୍ନଟ କରିଛନ୍ତି। ଉପଲବ୍ଧ କୋଠରୀ ଏବଂ ସ୍ଥାନରୁ ପରିଦର୍ଶନ କରିବା ସହ ଏହାର ସୁପରିଚାଳନା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ସହିତ ବିଏମ୍‌ସି ଅତିରିକ୍ତ ଆୟୁକ୍ତ ବିନୟ କୁମାର ଦାଶ, ଡେପୁଟି କମିଶନର(ନିର୍ବାଚନ) ଶ୍ରୀମନ୍ତ ମିଶ୍ର, ଜେଡ୍‌ଡିସି ସୁରନ୍ଦର ନନ୍ଦ, ଡେପୁଟି କମିସନର(ସମାଜ ମଙ୍ଗଳ) କମଳାକାନ୍ତ ବେହେରା ପ୍ରମୁଖ ବିଜେବି କଲେଜ ଆର୍ଟ୍ସ ବ୍ଲକ୍ ତଳ ମହଲା ଓ ପ୍ରଥମ ମହଲା ଏକାଧିକ କୋଠରୀ ପରିଦର୍ଶନ କରିଥିଲେ। ତାଙ୍କ ସହିତ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଅଗ୍ନିଶମ ଅଧିକାରୀ, ବଡଗଡ ଥାନା ପୋଲିସ୍ ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ସେମାନେ ୱାର୍ଡ ୱାରୀ ଡିସ୍‌ପର୍ସାଲ୍



କାଉଣ୍ଟର, ପାର୍କିଂ ସ୍ଥାନ, ପ୍ରତୀକ୍ଷା ସ୍ଥାନ, ସୂଚନା ପ୍ରଦାନ ପାଇଁ ହେବାକୁ ଥିବା ଜାଗା ଦେଖିଥିଲେ। ପ୍ରିଜାଇଡିଂ ନିଜ ନିଜର ସ୍ଥାନରୁ ଇଭିଏମ୍ ନେବେ ଓ ପୋଲିସ୍ ଅଧିକାରୀ କିପରି ନିଜ ନିଜର ସ୍ଥାନରୁ ଇଭିଏମ୍ ନେବେ ଓ ଫେରାଇବେ ତାହା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ।

# ରଘୁନାଥପୁର ସରପଞ୍ଚଙ୍କ ପଞ୍ଚାୟତ ଗୃହ ପ୍ରବେଶ



**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ଅନ୍ତର୍ଗତ ରଘୁନାଥପୁର ପଂଚାୟତର ନବନିର୍ବାଚିତ ସରପଂଚ ଶ୍ରୀମତି ସୁଚିତ୍ରା ପଣ୍ଡା ଏକ ଶୋଭାଯାତ୍ରାରେ ଆସି ଆଜି ରଘୁନାଥପୁର ପଂଚାୟତ କାର୍ଯ୍ୟାଳୟରେ ଗୃହ ପ୍ରବେଶ ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଂଚାୟତର ନବନିର୍ବାଚିତ ୱାର୍ଡସଭ୍ୟ ଓ ୱାର୍ଡସଭ୍ୟା ମାନେ ଯୋଗଦେଇଥିଲେ। ଏଥିରେ ବନ୍ଦନ କୁମାର ସାହୁ, ସଂଜୟ କୁମାର ମଲ୍ଲିକ, ଜାହିର ଅଲ୍ଲୀ ଖାଁ, ବୁଦ୍ଧନ ଅଲ୍ଲୀ ଖାଁ, ଶେଫାଳି ତା, ପୁଷ୍ପାଞ୍ଜଳି ରଣା, ଲତା ସାହୁ, କାଳିଆ ରଣା, ରମେଶ ପଣ୍ଡା, ଶ୍ରୀନିବାସ ପଣ୍ଡା, କଳ୍ପନା ରାଉତ, ଲତିକା ଜେନା, ନିରୂପମା ସେଠି, ମିନତି ତା, ମୋନାଲିସା ବେହେରା, ବାସନ୍ତି ମାଝି, ଲତା ସାହୁ, ସବିତା ପଣ୍ଡା, ଶୁଭଙ୍କରି ସାହୁ, ପୁଷ୍ପାରାଣି ତା ପ୍ରମୁଖ ଶତାଧିକ ସମର୍ଥକମାନେ ଏହି ଗୃହ ପ୍ରବେଶ ଉତ୍ସବରେ ଯୋଗଦେଇଥିଲେ।

# ୧୫ ନଂରେ ପ୍ରାର୍ଥୀ କାଉନସିଲର ଓ ଅଧ୍ୟକ୍ଷାଙ୍କ ପ୍ରଚାର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ପୌରପରିଷଦ ନିର୍ବାଚନ ନେଇ ପ୍ରାଥୀ ପତ୍ର ଯାଞ୍ଚ ପରେ ୧୫ ନମ୍ବର ୱାର୍ଡରେ ୱାର୍ଡ ର ବିଜେଡ଼ି କାଉନସିଲର ପ୍ରାର୍ଥୀ ମନୋଜ ମହାନ୍ତି ଓ ବିଜେଡି ଚେୟାରମ୍ୟାନ ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ର ଆଜି ନିଜସପକ୍ଷରେ ଭୋଟ ଦେବା ପାଇଁ ପ୍ରଚାର ଜୋରଦାର କରିଥିଲେ। ପନ୍ଦର ନମ୍ବର ୱାର୍ଡ ର କାଉନସିଲର ପ୍ରାର୍ଥୀ ମନୋଜ ମହାନ୍ତି ଓ ପୌରପରିଷଦ ଚେୟାରମ୍ୟାନ ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ର ନବୀନ ପଟ୍ଟନାୟକଙ୍କ ଜନ୍ମ ଠୁଁ ମୃତ୍ୟୁ ପର୍ଯ୍ୟନ୍ତ ଜନକଲ୍ୟାଣ ଯୋଜନାର



ସଫଳତା ନେଇ ଉପସ୍ଥିତ ଭୋଟର ମାନଙ୍କୁ ଘରକୁ ଯାଇ ଅବଗତ କରିବା ସହିତ ପନ୍ଦର ନମ୍ବର ୱାର୍ଡ ବିକାଶ ଓ ଜଗତସିଂହପୁର ପୌର ପରିଷଦ ର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଧାରାକୁ ଆଗେଇ ନେବାକୁ ବିଜେଡ଼ି କାଉନସିଲର ପ୍ରାର୍ଥୀ ମନୋଜ ମହାନ୍ତି ଓ ବିଜେଡ଼ି ଚେୟାରମ୍ୟାନ ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ର ଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।କାଉନସିଲର ପ୍ରାର୍ଥୀ ଓ ଚେୟାରମ୍ୟାନ ପ୍ରାର୍ଥିନୀ ଙ୍କ ସମର୍ଥକ ମାନେ ମଧ୍ୟ ସେମାନଙ୍କ ସହ ପନ୍ଦର ନମ୍ବର ୱାର୍ଡ ର ଘରକୁ ଘର ଯାଇ ବିଜେଡ଼ି କାଉନସିଲର ପ୍ରାର୍ଥୀ ମନୋଜ ମହାନ୍ତି ଓ ଚେୟାରମ୍ୟାନ ପ୍ରାର୍ଥିନୀ ଙ୍କୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ବିଜୟ କରିବାକୁ ଭୋଟର ମାନଙ୍କୁ ନିବେଦନ କରିଥିଲେ।

ସଂପର୍କବାର୍ତ୍ତା
ମାର୍ଚ୍ଚ ୧୪ ରୁ ୨୦, ୨୦୨୨, ଜଗତସିଂହପୁର
March 14 to 20, 2022, Jagatsinghpur


# ମହିଳାଙ୍କ ପାଇଁ ଉଦ୍ୟମିତ ସଚେତନତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୱାର୍ଲଡ ଟ୍ରେଡ୍ ସେଣ୍ଟର (ଡବ୍ଲୁଟିସି ) ଭୁବନେଶ୍ୱର ଚାପ୍ଟରୁ ଏମ୍ଏସ୍ଇ-ଡିଆଁଇ କଟକ ସହଯୋଗରେ କଟକ ମହିଳାମାନଙ୍କ ପାଇଁ ଶୁକ୍ରବାର ଇଡ୍‌କୋ ଟ୍ୱାଓାରର ପଚ୍ଂମ ମହଲାରେ ଥିବା ସମ୍ମିଳନୀ କକ୍ଷରେ ଉଦ୍ୟମିତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ନିଜ ଉତ୍ପାଦ ଓ ସେବା ବିଷୟରେ ପିଏସ୍‌ୟୁ ଓ କର୍ପୋରେଟ୍ ଗ୍ରାହକୁ ଅବଗତ କରିବା ଲାଗି ମହିଳା ଉଦ୍ୟୋଗୀମାନଙ୍କୁ ଏକ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା

ସେମାନଙ୍କୁ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ବିଭିନ୍ନ ସ୍କିମ୍ ବିଷୟରେ ସୂଚନା ଦିଆଯାଇଥିବା ବେଳେ ବ୍ୟଙ୍କରୁ କିଭଳି ସୁବିଧାରେ ଫାଇନାନ୍ସ ହାସଲ କରିହେବ ଏବଂ ନିଜକୁ କିଭଳି ଡିଜିଟାଲ୍ ଭାବେ ସଶକ୍ତ କରିହେବ ସେ ବିଷୟରେ ମହିଳା ଉଦ୍ୟୋଗୀମାନଙ୍କୁ ସଚେତନ କରାଯାଇଛି। ଡବ୍ଲୁଟିସି ଭୁବନେଶ୍ୱର ଓମେନ୍ ଫୋରମ୍‌ର ସଂଯୋଜିକା ଜ୍ୟୋତ୍ସ୍ନା ସଂଯୋଜନାରେ



ଅନୁଷ୍ଠିତ ଏହି ଅଧିବେଶନରେ ମହିଳା ଆତ୍ମନିର୍ଭର ଅଭିଯୋନର ଅଧକ୍ଷା ଡକ୍ଟର ରୀନା ରାଉତରାୟ ଏମ୍ଏସ୍ଏମ୍ଇ –ଡିଆଇ କଟକର ଯୁଗ୍ମନିର୍ଦ୍ଦେଶକ ପିକେ ଗୁପ୍ତା ଭାରତୀୟଷ୍ଟେଟ୍ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ, ବାଟୋ ସିଷ୍ଟମ୍‌ସରେ ସିଇଓ ଅଶ୍ୱିନୀ ରଥ ପ୍ରମୁଖ ଉପସ୍ଥିତ ଥିଲେ

# ଜଗତସିଂହପୁର ବ୍ଲକ୍ ଅଧକ୍ଷା ହେଲେ କନକପ୍ରଭା ଲେଙ୍କା



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ପଞ୍ଚାୟତ ସମିତି ନିର୍ବାଚନ ପାଇଁ ଆଜି ଦିନ ଧାର୍ଯ୍ୟ କରାଯାଇଥିଲା।ଜଗତସିଂହପୁର ପଂଚାୟତ ସମିତିର ୨୩ଜଣ ସମିତି ସଭ୍ୟ, ସଭ୍ୟା ମାନେ ସେମାନଙ୍କର ପ୍ରିୟ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଙ୍କ ସହ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ ସାରି ଆଜି ଜଗତସିଂହପୁର ପଂଚାୟତ ସମିତି କାର୍ଯ୍ୟାଳୟରେ ପହଁଚିଥିଲେ।ତେବେ ପଂଚାୟତ ସମିତି ଅଧକ୍ଷା ପାଇଁ ନିର୍ବାଚନ କାର୍ଯ୍ୟ ପ୍ରସ୍ତୁତି କରିଥିଲେ ପ୍ରିଜାଇଡିଂଙ୍ଗ ଅଫିସର ତଥା ଜଗତସିଂହପୁର ତହସିଲଦାର ଅଞ୍ଜଳୀ ତରାଇ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।ତେବେ ପଂଚାୟତ ସମିତି ଅଧକ୍ଷା ଭାବେ କନକ ପ୍ରଭା ଲେଙ୍କା ନାମାଙ୍କନ ପତ୍ର ଦାଖଲ କରିଥିଲେ।କନକ ପ୍ରଭା ଙ୍କ ବିପକ୍ଷରେ ଅନ୍ୟ କୌଣସି ସମିତି ସଭ୍ୟ ସଭ୍ୟା ନାମାଙ୍କନ ପତ୍ର ଦାଖଲ କରିନଥିଲେ।ତେଣୁ କନକ ପ୍ରଭା ଲେଙ୍କା ନିର୍ଦ୍ୱନ୍ଦରେ ତଥା ଅପ୍ରତିଦ୍ୱନ୍ଦୀ ଭାବେ ବିଜୟୀ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ।ପଂଚାୟତର ସମିତିର ନବନିର୍ବାଚିତ ଅଧକ୍ଷା କନକ ପ୍ରଭା ଲେଙ୍କାଙ୍କୁ ୨୩ଜଣ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ରହି କନକ ପ୍ରଭା ଙ୍କୁ ସମର୍ଥନ କରିଥିଲେ।ଏହିକାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ତଥା ଜିଲା ପରିଷଦ ସଭ୍ୟ ମନୋଜ କୁମାର ଭୋଇ,ନବନିର୍ବାଚିତ ସମିତି ସଭ୍ୟା ପ୍ରାର୍ଥୀ ରତିରଞ୍ଜନ ବେହେରାଙ୍କ ସମେତ ସମସ୍ତ ସମିତି ସଭ୍ୟ ସଭ୍ୟା,ଜଗତସିଂହପୁର ବ୍ଲକ ଯୁବ ବିଜେଡି ସଭାପତି ସମ୍ବିତ କୁମାର ମହାନ୍ତି, ଓଡିଶୋ ପଂଚାୟତ ଯୁବ ବିଜେଡି ସଭାପତି ସୁବାସ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।ତେବେ ବିଜୟୀ ପଞ୍ଚାୟତ ସମିତି ଅଧକ୍ଷା କନକପ୍ରଭା ଲେଙ୍କା ଜଗତସିଂହପୁର ପଂଚାୟତ ସମିତି ର ସମସ୍ତ ସଭ୍ୟ ସଭ୍ୟା ଓ ସମସ୍ତ ଜନସାଧାରଣ ଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁର ଶାଖାର ସାହିତ୍ୟ ମହିଳା ମହାମଞ୍ଚର "ମାଟିଲଗ୍ନା"

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ମାଟିଲଗ୍ନା ମହିଳା ମଞ୍ଚଜଗତସିଂହପୁର ଶାଖାତରଫରୁ ଆଜି ସାହିତ୍ୟ ମହିଳା ମହାମଞ୍ଚ ଜିଲ୍ଲା ଓଷ୍ଟା ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଇଯାଇଛି। ମାଟିଲଗ୍ନା ମହିଳା ମଞ୍ଚ ଶାଖା ସଭାପତି ତଥା ସୁଶ୍ରୀ ଶୁଭଶ୍ରୀ ସଂପାଦିକା ବସନ୍ତ ମଞ୍ଜରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଆଇନଜୀବୀ ମଞ୍ଜୁଲତା ରାଉତ ଉଦ୍‌ଘାଟନ କରିଥିଲାବେଳେ ମାଟିଲଗ୍ନା ମହିଳାମଞ୍ଚ ଶାଖାର ସଂପାଦିକା ଅଧାପିକା ରାଜଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥିଭାବେ ମାଟିଲଗ୍ନା ନୀଳାଚଳ ସଂସଦ ତଥା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କିଶୋରଚନ୍ଦ୍ର ପ୍ରଧାନ ଯୋଗଦେଇ ଭାଷା ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡଃ.ବିଷ୍ଣୁପ୍ରିୟା ଦାସ,ସମ୍ମାନୀତ ବକ୍ତା ଭାବେ ପରିବେଶବିତ୍ ଉତ୍କଳରଂଜନ ମହାନ୍ତି,ବରେଣ୍ୟ ଅତିଥିଭାବେ ଜିଲ୍ଲା ଓଷ୍ଟା ସଂପାଦକ ନାରାୟଣ ଚନ୍ଦ୍ର ବାରିକ,ସମ୍ମାନୀତ ଅତିଥିଭାବେ ବ୍ଲକ ଶିକ୍ଷକନେତା ପ୍ରଧାନଶିକ୍ଷକ ଅନୀଲ କୁମାର ଜେନା,ଅବସରପ୍ରାପ୍ତା



ପ୍ରଧାନଶିକ୍ଷୟିତ୍ରୀ ଶିବାନୀ ଭଟ୍ଟାଚାର୍ଯ୍ୟ,ତିଳୋତ୍ତମା ଦାଶ,ସୁନାଭଉଣୀ ସଂପାଦିକା ବିଜୟଲକ୍ଷ୍ମୀ ମହାପାତ୍ର,ହୀରାଲାଲ ପାଠୀ ପ୍ରମୁଖ ଯୋଗଦେଇ ଭାଷା ସୁରକ୍ଷା ସଂପର୍କରେ ଆଲୋକପାତ କରିଥିଲେ। ଷୋହଳ ଜଣ କୃତି ଧାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ କବି ସବିତା ନାୟକ,ସେବିକା,ସାହିତ୍ୟ ସାଧିକା ପ୍ରେମଲତା ବାରିକ,ପ୍ରତିମା ସାହୁ,ପଦ୍ମାବତୀ ମିଶ୍ର,ସନ୍ଧ୍ୟାରାଣୀ ଦାଶ,ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବଟମହାପୁରୁଷ ସେବା ସଂଗଠନର ସଂପାଦିକା ବିଭୂଷିତା ଦାସ ସହାୟତା କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଅନୀଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସଭିଏମ୍ କଲେଜର ୧୯୯୨ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁର ଏସଭିଏମ୍ କଲେଜର ୧୯୯୨ ମସିହା ବ୍ୟାଚର କଳା,ବାଣିଜ୍ୟ,ବିଜ୍ଞାନ ବିଭାଗର ପୁରାତନ ଛାତ୍ର ଓ ଛାତ୍ରୀ ମାନଙ୍କର ସ୍ଥାନୀୟ ମାର୍କଣ୍ଡେଶ୍ୱର ମନ୍ଦିର ପରିସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରଶ୍ମି ରଞ୍ଜନ ସାହୁ, ପ୍ରସନ୍ନ ମହାନ୍ତି ଓ ତ୍ରିଲୋଚନ ମିଶ୍ରଙ୍କ ପ୍ରଚେଷ୍ଟା ରେ ଏକ ପାରିବାରିକ ବନ୍ଧୁ ମିଳନ ଅତ୍ୟନ୍ତ ହର୍ଷୋଲ୍ଲାସରେ ଅନୁଷ୍ଠିତ ହୋଇଯାଇ ଅଛି। ଅନେକ ଦିନ ପରେ ଛାତ୍ରଛାତ୍ରି ମାନେ ନିଜ ସାଙ୍ଗସାଥୀଙ୍କୁ ପାଇଁ ଖୁସିର ବ୍ୟକ୍ତ କରିବା ସହିତ ନିଜ ନିଜର ପୁର୍ବସ୍ମୃତିକୁ ମନେପକାଇଥିଲେ।ଏହି କାର୍ଯ୍ୟକ୍ରମ ଟିକୁ ମୁକ୍ତି ଆଚାର୍ଯ, ଚୈତନ୍ୟ ସ୍ୱାଇଁ, ଅନନ୍ତ ଚୌଧୁରୀ,ବିଭୂତି ଦାସ, ବ୍ରଜ ତ୍ରିପାଠୀ, ଓ ଅନ୍ୟାନ ବନ୍ଧୁ ମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା କୋର୍ଟ ପ୍ରାଙ୍ଗଣରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଶ୍ରୀ ଅନୁପ କୁମାର ଚନ୍ଦନ ଙ୍କ ଅଧକ୍ଷତାରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ଅନୁପ କୁମାର ଚନ୍ଦନଙ୍କ ସହିତ ପରିବାର ଅଦାଲତ ଜଜ୍ ଶ୍ରୀ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀମତୀ ଇତିଶ୍ରୀ ମାଳବିକା ଭୂୟାଁ , ସିଜେଏମ୍ ଶ୍ରୀ ପ୍ରିୟ ରଞ୍ଜନ ମିଶ୍ର , ପ୍ରାଧିକରଣର ସଚିବ ଶ୍ରୀମତୀ ସୁନନ୍ଦା ପାଢୀ , ସବ ଜଜ୍ ଶ୍ରୀମତୀ ସୁଦୀପ୍ତା ଦେହୁରି, ରେଜିଷ୍ଟ୍ରାର ସିଭିଲ୍ କୋର୍ଟସ୍ ଶ୍ରୀମତୀ ସୁଦୀପା ପାତ୍ର , ସବ ଜଜ୍ (ଏଲ୍ ଆର୍ ) ଶ୍ରୀ ଅଭୟ କୁମାର ଦାସ , ମହିଳା କୋର୍ଟ ଜଜ୍ ଶ୍ରୀମତୀ ରଶ୍ମିତା ସାହୁ , ଏସ୍‌ଡିଜେଏମ୍ ଶ୍ରୀ ବିଷ୍ଣୁ ପ୍ରସାଦ ଦେବତା , ମୁନସିଫ୍ ଶ୍ରୀମତୀ ମାନ୍ବୀ ପ୍ରଧାନ , ଜେଏମ୍‌ଏଫ୍‌ସି ଶ୍ରୀମତୀ ଝିଲିଲିନା ନାୟକ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ। ଦୁର୍ଘଟଣା ଜନ୍ମିତ ମୋକଦ୍ଦମାର ବିଚାର ପାଇଁ ଉଦିଷ୍ଟ ବେଞ୍ଚ ରେ ଅତିରିକ୍ତ ପବ୍ଲିକ ପ୍ରକ୍ସେକିଉଟର ଶ୍ରୀ ଭଜହରୀ କର , ସରକାରୀ ଓକିଲ ଶ୍ରୀ ସଲିଲ ଘୋଷ, ଆଇନଜୀବୀ ଶ୍ରୀ ଧିରେନ୍ଦ୍ରନାଥ ଆଚାର୍ଯ୍ୟ, ସାମାଜିକ କର୍ମୀ ସୁଷମା ପ୍ରଧାନ , ଡ଼ା ଶୟଦ ଇକବାଲ ହୁସେନ ଓ ମନସ୍ତତ୍ତ୍ୱବିତ୍ ସୁସ୍ମିତା ମାଝି ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ



ଅଦାଳତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ ବଉନ୍ସ ମାମଲା, ବ୍ୟାଙ୍କ୍ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ମାମଲା ସମ୍ବଧୀୟ ପ୍ରାକ ମୋକଦ୍ଦମା ଆଦି ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ ୧୩୧୮ ମାମଲାରୁ ୨୯୧ ଟି ସଫଳତାର ସହ ଫଇସଲା ହେବା ସହିତ ଟ ୨,୫୩,୮୯,୫୫୮/- ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ମାମଲା ସମ୍ବଧୀୟ ପ୍ରାକ ମୋକଦ୍ଦମାରେ ୨୨୪୪ ଟି ମାମଲରୁ ୧୬୦ ଟି ସଫଳତାର ସହ ଫଇସଲା ହେବା ସହିତ ଟ ୪୫,୦୨,୧୬୭ /- ଟଙ୍କା ଋଣ ଆଦାୟ କରାଯାଇଛି । ଏହା ସହିତ ଏହି ଲୋକ ଅଦାଲତର ପ୍ରଭାବର ଅଧୟନ ନିମନ୍ତେ ଛାତ୍ର ସ୍ୱେଚ୍ଛାସେବୀ ବିଶ୍ୱଜିତ ମିଶ୍ର, ଦେବାଶିଷ ବାରିକ,ମୋନାଲିସା ସ୍ୱାଇଁ, ଅଭିଜିତ ଭୋଇ, ଶକ୍ତି ସାର୍ଥକ ଶୋଭନ, ରଶ୍ମି ରଞ୍ଜନ ଦାଶ ଓ ମନୋରଞ୍ଜନ ସାହୁ ଙ୍କ ଦ୍ୱାରା ଏକ ସର୍ବେକ୍ଷଣ କରଯାଇଥିଲା। ଜଗତସିଂହପୁର ଜିଲ୍ଲା କୋର୍ଟ ସମେତ କୁଜଙ୍ଗ, ତିର୍ତୋଲ, ରଘୁନାଥପୁର ଏବଂ ଏରସମା କୋର୍ଟ ପ୍ରାଙ୍ଗଣରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ବିଚାରପତିମାନଙ୍କ ଦ୍ୱାରା ମୋକଦ୍ଦମା ଗୁଡିକର ଫଇସଲା କରାଯିବା ସହ ଜୋରିମାନା ଆଦାୟ କରାଯାଇଛି ।

# ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ହେଲେ ଲକ୍ଷ୍ମୀ ବେହେରା(ଅପ୍ରତିଦ୍ୱନ୍ଦୀ)



**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକରେ ଆଜି ପଂଚାୟତ ସମିତି ଅଧ୍ୟକ୍ଷ ନିମନ୍ତେ ନିର୍ବାଚନ ବ୍ଲକ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜି ଦିନ ୧୧ଟା ୧୫ମିନିଟ ସମୟରେ ଏରଡଙ୍ଗା ପଂଚାୟତର ସମିତିସଭ୍ୟା ଲକ୍ଷ୍ମୀ ବେହେରା ବ୍ଲକ ଅଧ୍ୟକ୍ଷା ପଦବୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ବ୍ଲକରେ ଅଧ୍ୟକ୍ଷ ପଦବୀ ନିମନ୍ତେ ଏକମାତ୍ର ପ୍ରାର୍ଥୀପତ୍ର ଦାଖଲ କରିବାରୁ ବ୍ଲକର ନିର୍ବାଚନ ଅଧିକାରୀ ତଥା ରଘୁନାଥପୁର ତହସିଲଦାର ରୂପାଲିକା ଦାଶ ଶ୍ରୀମତୀ ଲକ୍ଷ୍ମୀ ବେହେରା ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ। ଏହି ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନରେ ବ୍ଲକର ୧୯ଗୋଟି ଗ୍ରାମପଂଚାୟତ ମଧ୍ୟରୁ ୧୮ଟି ପଂଚାୟତର ସମିତିସଭ୍ୟ ମାନେ ଯୋଗଦେଇଥିଲେ। ଏକମାତ୍ର ବରାଗୋଳ ପଂଚାୟତର ନବନିର୍ବାଚିତ ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ ଆଜି ବ୍ଲକ ଅଧ୍ୟକ୍ଷ ନିର୍ବାଚନରେ ଭାଗ ନେଇନଥିଲେ। ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ବ୍ଲକ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ଜଗନ୍ନାଥପୁର ବଜାରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ପ୍ରବାଦପୁରୁଷ ବିଜୁବାବୁ ଓ ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କୁ ପୁଷ୍ପମାଲ୍ୟ ଦେଇ ଆଶୀର୍ବାଦ କାମନା କରିଥିଲେ। ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷାଙ୍କୁ ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠି, ସମିତିସଭ୍ୟ କମଳାକାନ୍ତ ପରିଡା, ବିଶ୍ୱଜିତ୍ ଦାସ, ବିଚିତ୍ର କୁମାର ସ୍ୱାଇଁ, ଛପଡା ସମିତିସଭ୍ୟ ରଂଜନ ସ୍ୱାଇଁ, ସମିତିସଭ୍ୟ କିରଣ କୁମାର ବେହେରା, ଶାନ୍ତିଲତା ଦିବେଦୀ, ପ୍ରାନ୍ତରଶ୍ମୀ ପାଳ, ଖୋକନ ରାୟ, ଜିଲ୍ଲାବିଜେଡି ସମ୍ପାଦକ ତାରାକାନ୍ତ ଜେନା, ଆଇନଜୀବି ଅନିଲ ଖଟୁଆ, ଶିବରାମ ସାହୁ, ସାଂସଦ ପ୍ରତିନିଧୀ ଗୌତମ ପାଲିତ୍, ସୁରେନ୍ଦ୍ର ମହାପାତ୍ର, ଡେଜାଲିନ୍ ମହାପାତ୍ର ପ୍ରମୁଖ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ନିର୍ବାଚନକୁ ବ୍ଲକ ବିଡିଓ ଜିତେନ୍ଦ୍ର କୁମାର ନାୟକ, ନିର୍ବାଚନ ଅଧିକାରୀ ରୂପାଲିକା ଦାଶ, ଏବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ ପଂଚାୟତ ଅଧିକାରୀ କେଶବ ଚନ୍ଦ୍ର ମୁଖୀ ପ୍ରମୁଖ ପରିଚାଳନା କରିଥିଲେ। ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ବେହେରା, ଉପନିରୀକ୍ଷକ ଗୟଶ ମହମ୍ମଦ, ଉପନିରୀକ୍ଷକ ଏସପଣ୍ଡା, ଉପନିରୀକ୍ଷକ ଦେବରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଧରାଧରପୁର ସରପଞ୍ଚ ନଳିନୀପ୍ରଭାଙ୍କ ଦାୟିତ୍ୱ ଗ୍ରହଣ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଂଚାୟତର ନବନିର୍ବାଚିତ ସରପଂଚ ନଳିନୀପ୍ରଭାଙ୍କ ମୁଦୁଲି ଆଜି ପଂଚାୟତ କାର୍ଯ୍ୟାଳୟରେ ପୂର୍ବତନ ସରପଂଚ ପ୍ରମିଳା ମଲ୍ଲିକଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି। ଆଜି ସରପଂଚ ଶ୍ରୀମତି ମୁଦୁଲି ଆନୁଷ୍ଠାନିକ ଭାବେ ପଂଚାୟତ କାର୍ଯ୍ୟାଳୟରେ ପହଂଚିଥିଲେ। ତାଙ୍କୁ ନାୟବ ସରପଂଚ କ୍ଷିରୋଦ ଚନ୍ଦ୍ର ମଲ୍ଲିକ, ୱାର୍ଡଶଭ୍ୟ ଅନୁଶୟା ମହାନ୍ତି, ସ୍ୱର୍ଣ୍ଣଲତା ଦାସ, ବିଣା ଦେଇ, ସରସ୍ୱତୀ ଭୋଇ, ସାବିତ୍ରୀ ମଲ୍ଲିକ, ରବିନ୍ଦ୍ର ମଲ୍ଲିକ, ପ୍ରଭାତି ବେହେରା, ପୂର୍ଣ୍ଣିମା ସେଠୀ, ସୁଜାତା ବେହେରା, ଲଳିତା ସାହୁ, ରାଜେଶ କୁମାର ସ୍ୱାଇଁ, ଅର୍ଚ୍ଚନା ମଲ୍ଲିକ, ନିମାଇଁ ଚରଣ ବସ୍ତିଆ, ପ୍ରଶାନ୍ତ ବେହେରା, ସୁଷମା ସ୍ୱାଇଁ, ବସନ୍ତ ସାହୁ, ପ୍ରଭାତ ରାଉତ, ମୂରଲୀଧର ସ୍ୱାଇଁ, ଜତିନ ଦାଶ, ହେମନ୍ତ କୁମାର ସାହୁ, ଜ୍ୟୋତିରଚଜନ ନାୟକ, ସିକାନ୍ତ ମହାପାତ୍ର, ସନାତନ ସ୍ୱାଇଁ, ରବିନ୍ଦ୍ର ମଲ୍ଲିକ, ଅରକ୍ଷିତ ମଲ୍ଲିକେ, କିରଣବାଳା ସ୍ୱାଇଁ, ରେଖାରାଣୀ ମୁଦୁଲି ଓ ସମର୍ଥକମାନେ ପୁଷ୍ପଗୁଛ ଦେଇ ସ୍ୱାଗତ କରିଥିଲେ।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ଢିଙ୍କିଆରେ ଜେଏସଡବ୍ଲୁ ପ୍ରକଳ୍ପକୁ ଅନୁମତି ପ୍ରସଂଗ, ୪ସପ୍ତାହ ଭିତରେ ଜବାବ ଦାଖଲ ପାଇଁ କେନ୍ଦ୍ର ଓ ରାଜ୍ୟକୁ ନିର୍ଦ୍ଦେଶ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜଗତ ସିଂହପୁର ଜିଲ୍ଲାର ଢିଙ୍କି ଆରେ ପୂର୍ବରୁ ପୋସ୍କୋ ପ୍ରକଳ୍ପକୁ ପ୍ରଦାନ କରାଯାଇଥିବା ଫରେଷ୍ଟ କ୍ଲିୟରାନ୍ସର ୨୦୧୯ରେ ଜେଏସଡବ୍ଲୁ ପ୍ରକଳ୍ପକୁ ଟ୍ରାନ୍ସଫର କରାଯିବା ବେଆଇନ ବୋଲି ଦର୍ଶାଇ ଦାୟର ଜନସାର୍ଥ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଜବାବ ତଲବ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଚାରି ସପ୍ତାହ ଭିତରେ କ୍ରେନ୍ଦ୍ର ଓ ରାଜ୍ୟ ସରକାର ମାମଲାରେ ଜବାବ ଦାଖଲ କରିବେ। ଏହାପରେ ଆବେଦନକାରୀ ଚାହିଁଲେ ପ୍ରତିବାବ ଦାଖଲ କରି ପାରିବେ ବୋଲି ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ ମୁରଲୀଧର ଓ ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ବାସୁଦେବ ଖଣ୍ଡଓାଲଙ୍କ ଆବେଦନର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ନିର୍ଦ୍ଦେଶ ଦେଇଛନ୍ତି। ମେ ୯କୁ ମାମଲାରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ ଢିଙ୍କିଆରେ ପୋସ୍କୋ ପ୍ରକଳ୍ପ ପାଇଁ ସରକାର ପ୍ରଦାନ କରିଥିବା ଜମିରେ କିଛି ଜଙ୍ଗଲ ଜମି ରହିଥିଲା ଏଥି ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ କେନ୍ଦ୍ର ସରକାର ପୋସ୍କୋ ପ୍ରକଳ୍ପ ବନ୍ଦ ରହିଥିଲା ପୋସ୍କୋ ପାଇଁ ପ୍ରଦାନ କରାଯାଇଥିବା ଜମିରେ ଜେଏସଡଡବ୍ଲୁ ପ୍ରକଳ୍ପ ଲାଗି ସରକାର ଅନୁମତି ଦେଇଥିଲା ପୂର୍ବରୁ ପୋସ୍କୋକୁ ମିଳିଥିବା ଫରେଷ୍ଟ କ୍ଲିୟରାନ୍ସକୁ ଜେଏସଡବ୍ଲୁକୁ ଟ୍ରାନ୍ସଫର ପାଇଁ ରାଜ୍ୟ ସରକାର ସୁପାରିସ କରିଥିଲେ। ଏହାପରେ କେନ୍ଦ୍ର ସରକାର ଙ୍କ ଅନୁମତିରେ ପୂର୍ବରୁ ପୋସ୍କୋକୁ ପ୍ରଦାନ କରାଯାଇଥିବା ଫରେଷ୍ଟ କ୍ଲିୟରାନ୍ସକୁ ଜେଏସଡବ୍ଲୁ ପ୍ରକଳ୍ପକୁ ଟ୍ରାନ୍ସଫର କରାଯାଇଥିଲା। ଏପରି ଫରେଷ୍ଟ କ୍ଲିୟରାନ୍ସ ଟ୍ରାନ୍ସଫର ପ୍ରସଂଗ ବେଆଇନ ଓ ଏହା ଫରେଷ୍ଟ କଂଜରଭେସନ୍ ଆକ୍ଟର ଉଲ୍ଲଂଘନ କରୁଛି ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ମାମଲାରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ଜଗତସିଂହପୁର ଜିଲ୍ଲାପାଳ ଓ ଅନ୍ୟ ମାନଙ୍କୁ ପକ୍ଷଭୁକ୍ତ କରାଯାଇଛି ।

# ଓଡ଼ିଶା ସାମ୍ବାଦିକ ସଂଘ ଜିଲା ଶାଖାର ପରିବର୍ଦ୍ଧିତ ବୈଠକ



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଓଡ଼ିଶା ସାମ୍ବାଦିକ ସଙ୍ଘ ଜଗତସିଂହପୁର ଶାଖା ପକ୍ଷରୁ ଆଜି ଜଗତସିଂହପୁର ଜିଲ୍ଲା ବ୍ଲକ ଅଧିନସ୍ଥ ଆଲିପିଙ୍ଗଳ, ବାଲିଘାଇ ଠାରେ ଏକ ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବଂ ଏହି ସଭାରେ ଜିଲ୍ଲାର ବହୁ କାର୍ଯ୍ୟରତ ସାମ୍ବାଦିକ ଏହି ସଂଘରେ ଯୋଗ ଦେଇଥିଲେ। ବୈଠକରେ ଓଜେୟୁ ଜିଲ୍ଲା ସଭାପତି ଡ଼ଃ ସୁନାକର ବେହେରା ଯୋଗଦେଇ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ତଥା ବେଶେଷ କରି କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସୁରକ୍ଷା ଉପରେ ଆଲୋଚନା କରି ତୁରନ୍ତ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବା ନେଇ କହିବା ସହିତ, ଆସନ୍ତା ଏପ୍ରିଲ ମାସରେ ଜିଲ୍ଲା ସ୍ତରୀୟ ଓଜେୟୁ ସଙ୍ଗଠନ ର ଏକ ଜିଲ୍ଲା ସମ୍ମିଳନୀ ଆୟୋଜିତ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ବୈଠକରେ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ଯୋଗଦେଇ ସାମ୍ବାଦିକ ମାନଙ୍କ ଉତ୍ତୋରତର ଉନ୍ନତି କାମନା କରି ଓଜେୟୁ ସଂଗଠନ କୁ ଜିଲ୍ଲାରେ ମଜଭୁତ କରିବା ପାଇଁ ଗୁରୁତ୍ୱଆରୋପ କରିଥିଲେ। ଏପରିକି ରୁଷ ଓ ୟୁକ୍ରେନ ମଧରେ ଯୁଦ୍ଧ ବିରତି ନିମନ୍ତେ ଆଲୋଚନା ମାଧ୍ୟମରେ ଦାବି ଜଣାଇଥିଲେ। ପରେ ପରେ ନୂତନ ଭାବେ ସଂଘରେ ଯୋଗ ଦେଇଥିବା ଜଗତସିଂହପୁର ସଦର ମହକୁମାର ସାମ୍ବାଦିକ ରଶ୍ମିରଞ୍ଜନ ମହାପାତ୍ର, ଗୋଲାପ ସାଇଁ, ବିପିନ ସେଠୀ, ପ୍ରଦୀପ୍ତ କୁମାର ମୁଦୁଲି, ଅଜୟ କୁମାର ରାଉତଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସଂଘରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବାଲିକୁଦା ବ୍ଲକର ଓଜେୟୁ ସଭାପତି ଭାବେ ପ୍ରଦୀପ୍ତ କୁମାର ମୁଦୁଲି, ସମ୍ପାଦକ ଭାବେ ଅଜୟ କୁମାର ରାଉତ, କୋଷାଧକ୍ଷ ଭାବେ ବିପିନ ସେଠୀ ଙ୍କୁ ଜିଲ୍ଲା ସଭାପତି ଶ୍ରୀ ବେହେରା ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଉପସଭାପତି ଚନ୍ଦ୍ରକାନ୍ତ ଦାସ, ସହ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କୋଷାଧକ୍ଷ ପ୍ରଚେତ ଚେତନ ମହାନ୍ତି,ମିଡିଆ ସଂଯୋଜକ ରଞ୍ଜନ ଖୁଣ୍ଟିଆ, ଅଶ୍ୱିନୀ କୁମାର ସାହୁ, ତପନ ଦାସ, ଗୟାଧର ମହାରଣା, ସୁମନ୍ତ ଦାସ,ସରୋଜ ନାଏକ ପ୍ରମୁଖ ଜିଲ୍ଲାର ବହୁ କାର୍ଯ୍ୟରତ ସାମ୍ବାଦିକ ଯୋଗଦେଇ ଓଜେୟୁ ସାମ୍ବାଦିକ ସଂଘକୁ ଜିଲ୍ଲା ସ୍ତରରେ ମଜଭୁତ କରିବା ପାଇଁ ମତବ୍ୟକ୍ତ କରିଥିଲେ।

# କଟକରେ ପୌର ପ୍ରଚାର ଜମୁଛି

**ବାଦାମବାଡି(ସଂପର୍କବାର୍ତ୍ତା):-** ପୌର ନିର୍ବାଚନ ପାଇଁ ସରଗରମ ହୋଇଛି କଟକ ସହର। ଆସନ୍ତା ୨୪ ତାରିଖରେ ଭୋଟ ଗ୍ରହଣ। ହାତରେ ଆଉ ଅଳ୍ପଦିନ ବାକି ଥିବାବେଳେ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବିଶେଷକରି ଘର ଘର ବୁଲି ଭୋଟରଙ୍କ ପାଖରେ ପହଞ୍ଚିବା ସହ ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଂଗ୍ରେସ, ଭାଜପା ଏବଂ ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥୀ ଘର ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା।

କଂଗ୍ରେସର ମେୟର ପ୍ରାର୍ଥିନୀ ଗିରିବାଳା ବେହେରା କଟକ ମହାନଗର ନିଗମ(ସିଏମ୍‌ସି)ର ୪୦, ୪୧ ନମ୍ବର ୱାର୍ଡରେ ପ୍ରଚାର କରିଛନ୍ତି। ସେ କର୍ପୋରେଟର ପ୍ରାର୍ଥିନୀ ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସହ ମିଶି ମଲ୍ଲାସାହି, ଟିଣପିଟା ସାହି, ମାଳିସାହି, ଯୋବ୍ରା, ମଝିସାହି, ରେହମାନ ଛକ, ପାରେଶ୍ୱର ସାହିରୁ ମାଛ ମାର୍କେଟ୍ ଆଦି ଅଞ୍ଚଳରେ ପଦଯାତ୍ରା କରିଥିଲେ। ଏଥିସହ ୱାର୍ଡ ଅଞ୍ଚଳର ମୌଳିକ ସମସ୍ୟାରେ ସୁଧାର ଆଣିବା, ସିଏମ୍‌ସିକୁ ଦୁର୍ନୀତି ମୁକ୍ତ ଓ ସମୃଦ୍ଧ କରି ଗଢିବା ପାଇଁ କହି ଲୋକମାନଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ଜଗଦୀଶ ମହାନ୍ତି, ତ୍ରିଲୋଚନ ମହାନ୍ତି, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ସତ୍ୟାନନ୍ଦ ରାଉତ, ଡ. କସ୍ତୁରୀ ଖଟାଇ, ସିପିଆଇ ଜିଲ୍ଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ ସିଏମ୍‌ସିର ୭, ୧୭, ୧୯, ୨୫, ୩୩ ନମ୍ବର ୱାର୍ଡରେ ପ୍ରଚାର କରିଥିଲେ। ଏହି ପ୍ରଚାରରେ ୭ନଂ. ୱାର୍ଡର କର୍ପୋରେଟର ପ୍ରାର୍ଥୀ ସ୍ନେହମଞ୍ଜରୀ ମହାନ୍ତି, ୨୫ନଂ. ୱାର୍ଡର ପ୍ରାର୍ଥୀ ନିତାଇ ନନ୍ଦ, ୩୩ନଂ. ୱାର୍ଡର ପ୍ରାର୍ଥୀ ଆର୍ଯ୍ୟକନ୍ୟା ମହାରଣା, ୧୯ ୱାର୍ଡର ପ୍ରାର୍ଥୀ ୱାଇ. ୱାଣି, ୧୭ନଂ. ୱାର୍ଡର ପ୍ରାର୍ଥୀ ସୀମାରାଣୀ ସିଂ ନିଜ ୱାର୍ଡରେ ଶ୍ରୀତମଙ୍କ ସହ ମିଶି ପ୍ରଚାର କରିଥିଲେ। ଏହି ପ୍ରଚାରରେ କଟକ ନଗର ଜିଲ୍ଲା ସଭାପତି ଲଳାଟେନ୍ଦୁ ବଡୁ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ସାମିଲ ହୋଇଥିଲେ।

ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥୀ ବବି ବଳବନ୍ତରାୟ ମହାନଦୀ ବିହାର ଅଞ୍ଚଳରେ ଘର ଘର ବୁଲି ପ୍ରଚାର କରିଥିଲେ। ସହରରେ ଥିବା ବିଭିନ୍ନ ସମସ୍ୟା ଦୂର କରିବା ପାଇଁ କହିବା ସହ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।

# ଜଗତସିଂହପୁର ଡାକ୍ତରଖାନାରେ ଜେଏସଡବ୍ଲ୍ୟୁର ଅକ୍ସିଜେନ୍ ପ୍ଲାଣ୍ଟ ସ୍ଥାପନ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆସିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା ବେଳେ ଜେଏସଡବ୍ଲୁ ପକ୍ଷରୁ ଏଥିପାଇଁ ଅତ୍ୟାଧୁନିକ ଅକ୍ସିଜେନ ପ୍ଲାଣ୍ଟର ମେସିନ ପ୍ରଦାନ କରାଯାଇଛି। କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ପ୍ରାୟ ୪୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏହାର କ୍ଷମତା ୪୦୦ ଏଲ ପି ଏମ ରହିଛି। ଏହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇ ସି ୟୁ ଓ ଶିଶୁ ବିଭାଗର ହାଇଡିପେନଡାନସି ୟୁନିଟର ୧୨ ଟି ଶଯ୍ୟାକୁ ସଂଯୋଗ କରାଯିବ। ଏହି ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ହେଲା ପରେ ଏହାର କାର୍ଯ୍ୟକ୍ଷମ ପ୍ରକ୍ରିୟା ଜାରି ରହିଛି। ଖୁବ୍ ଶୀଘ୍ର ଏହାର ନମୂନା ପରୀକ୍ଷା କରାଯିବା ପରେ ଏହା ରୋଗୀଙ୍କ ଚିକିତ୍ସା ପାଇଁ ଉପଲବ୍ଧ ହେବ ।କୋଭିଡ ମହାମାରୀ ସମୟରେ ଅନେକ ଆକ୍ରାନ୍ତ ଅକ୍ସିଜେନ ଅଭାବରୁ ମୃତ୍ୟୁ ମୁଖରେ ପଡ଼ିଲେ। ଏହାର ଆବଶ୍ୟକତା ଅନୁଭବ କରି ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ୧୦୦୦ ଲିଟର କ୍ଷମତା ବିଶିଷ୍ଟ ଅକ୍ସିଜେନ ପ୍ଲାଣ୍ଟ ରହିଛି। ଯାହାକି ଭେଷଜ ବିଭାଗର ୫୮ ଟି ଶଯ୍ୟାକୁ ସଂଯୋଗ କରାଯାଇଛି। ତେବେ ଏହି ଦୁଇ ଟି ଅକ୍ସିଜେନ ପ୍ଲାଣ୍ଟ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ରୋଗୀ ସେବା କ୍ଷେତ୍ରରେ ଅଧିକ ସହାୟକ ହେବ ବୋଲି ଆଶା କରାଯାଉଛି।

# ପୁରୀରେ ଓକିଲଙ୍କ ପ୍ରତିବାଦ

## ଐତିହ୍ୟ କରିଡର୍, ଲାଗିରହିଛି କେଁ

**ପୁରୀ(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଶ୍ରୀମନ୍ଦିର ପ୍ରତି ଆଞ୍ଚ ନ ଆସିବା ପାଇଁ ଚତୁଃପାର୍ଶ୍ୱକୁ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରାଯାଇଛି। ମନୁଷ୍ୟକୃତ କମ୍ପନର ପ୍ରଭାବ ନ ପଡିବା ପାଇଁ କଡା ଆଇନ ପ୍ରଣୟନ ହୋଇଛି। କିନ୍ତୁ ସବୁ ଆଇନ୍‌କୁ ଜଳାଞ୍ଜଳି ଦେଇ ଖୋଦ୍ ପ୍ରଶାସନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବିରାଟ ଗର୍ତ୍ତ ସୃଷ୍ଟି କରିବାରେ ଲାଗିଛି। ବିସ୍ତୃତ ଅଞ୍ଚଳରେ ଗଭୀର ଗର୍ତ୍ତ ସୃଷ୍ଟି ସହ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଏହାକୁ ନେଇ ଜନ ଆକ୍ରୋଶ ଶାଣିତ ହେବାରେ ଲାଗିଛି। ଗତକାଲି ପୁରୀ ଆଇନଜୀବୀ ସଂଘ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବୈଠକ କରିବା ପରେ ଶୁକ୍ରବାର ଦିନ ସଂଘର ସଭାପତି ଭଗବାନ ମିଶ୍ରଙ୍କ ଅଧକ୍ଷତାରେ ଆଇନଜୀବୀମାନେ ପଶ୍ଚିମ ଦ୍ୱାର ଓ ଦକ୍ଷିଣ ଦ୍ୱାର ନିକଟରେ ଚାଲିଥିବା ନିର୍ମାଣଧୀନ ଐତିହ୍ୟ କରିଡର ସ୍ଥାନରେ ପହଞ୍ଚି ଏହାର ପ୍ରତିବାଦ କରିଛନ୍ତି।

ଘଟଣାସ୍ଥଳ ପରିଦର୍ଶନ ପରେ ଆଇନଜୀବୀ ସଂଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ୩୦ ମିନିଟ୍ ଧରି ଆଲୋଚନା କରିଥିଲେ। କିନ୍ତୁ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇପାରିନି ଆଇନଜୀବୀ ସଂଘ। ସଂଘର ସମ୍ପାଦକ ଆଇନଜୀବୀ ଶାରଦା ସାମଲ କହିଛନ୍ତି, କମ୍ପନ ଯୋଗୁଁ ହିଁ ପଶ୍ଚିମ ଦ୍ୱାରର ପାର୍ଶ୍ୱରେ ପ୍ରଭୁ ନୃସିଂହଙ୍କଠାରୁ ହିରଣ୍ୟକଶ୍ୟପୁ ତଳକୁ ଖସି ପଡିଥିଲା। ଏଥିରେ ଜଣେ ସେବାୟତ ମଧ୍ୟ ଆହତ ହୋଇଥିଲେ। ତେଣୁ ଯଦି ସାମାନ୍ୟ ପ୍ରଭାବରେ ମୂର୍ତ୍ତି କରିବା ଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଜିଲ୍ଲାପାଳ ସମର୍ଥ ବର୍ମା କହିଥିଲେ ଏ ନେଇ ନାସନାଲ ମନୁମେଣ୍ଟ ଅଥରିଟି ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ଦେଇଛି। ବିକାଶ କାର୍ଯ୍ୟରେ କାହିଁକି ବାଧକ ହେଉଛି ବୋଲି ମଧ ପ୍ରଶ୍ନ କରିଥିଲେ। ତେବେ ଏହାର ଜବାବରେ ଓକିଲ ସଂଘ ପକ୍ଷରୁ କୁହାଯାଇଥିଲା ଅମେ ବିକାଶ କାର୍ଯ୍ୟର ବିରୋଧୀ ନୁହେଁ, ବିନାଶ କାର୍ଯ୍ୟର ବିରୋଧ କରୁଛୁ।

ଯଦି ଏହାକୁ ପ୍ରଶାସନ ଅଣଦେଖା କରେ, ତେବେ ବାଧ ହୋଇ ଜନସ୍ୱାର୍ଥ ମାମଲା ଦାୟର କରିବୁ ବୋଲି ଶ୍ରୀ ସାମଲ କହିଛନ୍ତି। ସୋମବାର ଏ ସଂକ୍ରାନ୍ତରେ ଆଉ ଏକ ବୈଠକ ଡକାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଆଇନଜୀବୀ ସଂଘ ପକ୍ଷରୁ ତପନ ବାରିକ, ଜୟଦେବ ମିଶ୍ର, ଆଦିତ୍ୟ ହୃଦୟ ମିଶ୍ର, ରୁଦ୍ର ନନ୍ଦନ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, ଅନିଲ କୁମାର ରାୟ, ରମେଶ ପ୍ରଧାନ, ଶରତ ରାୟଗୁରୁ, ପ୍ରିୟଦର୍ଶିନ ପଟ୍ଟନାୟକ, କାଳୀପ୍ରସାଦ ନାୟକ, ଦେବବ୍ରତ ମହାପାତ୍ର, ସୁବ୍ରତ ମିଶ୍ର, ରମେଶ ସିଂହ, ବିଶ୍ୱଭୂଷଣ ବାରିକ ପ୍ରମୁଖ ଶ୍ରୀମନ୍ଦିର ଐତିହ୍ୟ କରିଡର ଖନନ କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ।

# ମଦ ପାଇଁ ସତ୍ୟପାଠ ଦେବେ ସରକାର




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମଦ ନିଷେଧ ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାରେ ସାନି ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଦ ନିଷେଧ ପ୍ରସଙ୍ଗରେ ରହିଥିବା ଓଡ଼ିଶା ପ୍ରୋହିବିସନ୍ ଆକ୍ଟ ୧୯୫୬ ଆଇନ୍ ଲାଗୁ ହୋଇଛି କି ନାହିଁ, ଏବେ ଏହି ଆଇନ୍ ବଳବତ୍ତର ଅଛି ନା ନାହିଁ; ସେ ନେଇ ସତ୍ୟପାଠରେ ରାଜ୍ୟ ସରକାର ସ୍ପଷ୍ଟ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଏହି ମାମଲାରେ ପୂର୍ବରୁ ୨୦୨୧, ଅକ୍ଟୋବର ୨୫ରେ ରାଜ୍ୟ ସରକାର ଦାଖଲ କରିଥିବା ସତ୍ୟପାଠରେ ଓଡ଼ିଶା ପ୍ରୋହିବିସନ୍ ଆକ୍ଟ କାର୍ଯ୍ୟକାରୀ ପ୍ରସଙ୍ଗରେ କିଛି ସ୍ପଷ୍ଟ ତଥ୍ୟ ନାହିଁ ବୋଲି ଆଜି ମାମଲା ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏହି ଆଇନ୍‌କୁ ସରକାର ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି କି ନାହିଁ ସେ ନେଇ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ସରକାର ଏହି ପ୍ରସଙ୍ଗରେ ପକ୍ଷ ରଖିବାକୁ ଅଧିକ ମହଲତ ଲୋଡିଥିଲେ। ଏଭଳି ସ୍ଥିତିରେ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସାନି ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଆର୍.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୨୯କୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ସାରା ରାଜ୍ୟରେ ସମସ୍ତ ପ୍ରକାର ମଦ ନିଷେଧ କରାଯାଉ ବୋଲି ଦର୍ଶାଇ ଆଇନଜୀବୀ ବୁଦ୍ଧିଆ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ଜବାଜରେ ଉଲ୍ଲେଖ କରାଯାଇଥିଲା ଯେ ନିଷିଦ୍ଧ ମଦ ତିଆରି ଓ ବିକ୍ରିକୁ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଅନ୍ୟପକ୍ଷରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଓଡ଼ିଶା ପ୍ରୋହିବିସନ୍ ଆକ୍ଟ, ୧୯୫୬ ଅନୁସାରେ ସାରା ରାଜ୍ୟରେ ମଦ ସଂପୂର୍ଣ୍ଣ ଭାବେ ନିଷେଧ କରାଯିବା କଥା। ଏହି ଆଇନ ଏବେ ମଧ୍ୟ ବଳବତ୍ତର ଥିବାବେଳେ ନିୟମ ଅନୁସାରେ କଟକଣା ଜାରି କରାଯିବା କଥା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲାର ପରିଚାଳନା କରୁଛନ୍ତି।

# ୪ ଦିନ ତଳେ 'ହାତ' ଧରିଥିଲେ, ଛାଡିଦେଲେ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୌର ନିର୍ବାଚନ ମତଦାନ ତାରିଖ ଯେତିକି ପାଖେଇ ଆସୁଛି ରାଜଧାନୀ ରାଜନୀତି ସେତିକି ରୋଚକ ମୋଡ ନେଉଛି। ଘଡିକେ ଘୋଡା ଛୁଟିବା ଭଳି ପ୍ରତିଦିନ ପ୍ରାର୍ଥୀଙ୍କ ଆଭିମୁଖ୍ୟ ବଦଳୁଛି। କେତେବେଳେ କାହା ସହ ରହିବେ ଓ କାହାକୁ ଛାଡିବେ ସେ ନେଇ ନିଜେ ଦ୍ୱନ୍ଦ୍ୱରେ ରହୁଛନ୍ତି। ସକାଳେ ଗୋଟିଏ ଦଳରେ ଥିବା ବେଳେ ସନ୍ଧ୍ୟାରେ ଅନ୍ୟ ଦଳରେ।

ୱାର୍ଡ ନମ୍ବର ୧୯ର କଂଗ୍ରେସ ପ୍ରାର୍ଥୀ ଜ୍ୟୋସ୍ନାରାଣୀ ରାଉତରାୟ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଏଭଳି ସ୍ଥିତି ଦେଖାଦେଇଛି। ଏହି ୱାର୍ଡରୁ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥିବା ପୂର୍ବତନ କର୍ପୋରେଟର ଜ୍ୟୋସ୍ନାରାଣୀ ରାଉତରାୟ ଟିକେଟ୍ ନ ପାଇବାରୁ ଗତ ୭ ତାରିଖରେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ଉଭୟ ଜ୍ୟୋସ୍ନାରାଣୀ ଓ ତାଙ୍କ ସ୍ୱାମୀ ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ କଂଗ୍ରେସରେ ଯୋଗଦେବା ନେଇ ବିଧିବଦ୍ଧ ଘୋଷଣା କରାଯାଇଥିଲା। ସେହିଦିନ ତାଙ୍କୁ କଂଗ୍ରେସର ଦଳୀୟ ଟିକେଟ୍ ମିଳିଥିଲା ଓ ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

ଜ୍ୟୋସ୍ନାରାଣୀ କଂଗ୍ରେସ ପ୍ରାର୍ଥୀ ହେବା ପରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଥିଲା। କାରଣ ୨୦୦୮ରେ ପ୍ରତାପ ଓ ୨୦୧୪ରେ ଜ୍ୟୋସ୍ନାରାଣି କଂଗ୍ରେସ ପ୍ରାର୍ଥୀ ଭାବେ ଏହି ୱାର୍ଡରୁ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ବିଜେଡିରେ ଯୋଗ ଦେଇଥିଲେ। ଏଥର ଜ୍ୟୋସ୍ନାରାଣୀ କଂଗ୍ରେସ ପ୍ରାର୍ଥୀ ହେବା ପରେ ବିଜେଡି ସହ କଡା ମୁକାବିଲା କରିବାର ସମ୍ଭାବନା ଦେଖାଗଲାଣି।

ଜ୍ୟୋସ୍ନାରାଣୀଙ୍କୁ ବୁଝାଇବା ପାଇଁ ବିଜେଡି ନେତୃବୃନ୍ଦ ସବୁପ୍ରକାର ଉଦ୍ୟମ ଜାରି ରଖିଥିଲେ। ଶେଷରେ ଏହି ଉଦ୍ୟମ ସଫଳ ହେଲା। ଏହି ଘଟଣାରେ ଏବେ ବେସ୍ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏମିତି କେଉଁ ଚାପ ସୃଷ୍ଟି ହେଲା ଯେ ଲଢିବା ପୂର୍ବରୁ ପ୍ରତାପ ଓ ଜ୍ୟୋସ୍ନାରାଣୀ ମଇଦାନ ଛାଡିଦେଲେ? ଦୁଇ ଦୁଇ ଥର ନିଜ ଦମ୍‌ରେ ଜିତିଥିବା ଏହି ଦମ୍ପତ୍ତିଙ୍କ ଏପରି ଛତ୍ରଭଙ୍ଗକୁ କେହି ସହଜରେ ଗ୍ରହଣ କରିପାରୁନାହାଁନ୍ତି। ଏବେ ସେମାନେ କଂଗ୍ରେସରେ ରହିବେ ନା ପୁଣି ବିଜେଡିକୁ ଫେରିବେ ତାହା ସ୍ପଷ୍ଟ ହୋଇନାହିଁ।

ଏ ନେଇ ଜ୍ୟୋସ୍ନାରାଣୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିଲା। ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କୁ ଯୋଗାଯୋଗ କରାଯିବାରୁ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମ୍ପର୍କରେ ଜାଣି ନଥିବା କହିଥିଲେ।

ପୂର୍ବରୁ କଂଗ୍ରେସ ୧୯ଟି ୱାର୍ଡରେ ପ୍ରାର୍ଥୀ ଦେଇପାରି ନଥିଲା। ଏବେ ଜ୍ୟୋସ୍ନାରାଣୀଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ କଂଗ୍ରେସ ପ୍ରାର୍ଥୀ ନ ଥିବା ୱାର୍ଡ ସଂଖ୍ୟା ୨୦ରେ ପହଞ୍ଚିଛି।

# ବୈଜୟନ୍ତ ଯିବେ ରାଜ୍ୟସଭା !

**ନୂଆଦିଲ୍ଲୀ(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବର୍ତ୍ତମାନ ୫ଟି ରାଜ୍ୟର ବିଧାନସଭା ନିର୍ବାଚନର ଫଳାଫଳ ସାମ୍ନାକୁ ଆସିଯାଇଛି। ୪ଟି ରାଜ୍ୟରେ ବିଜେପି ବାଜିମାତ୍ କରିଥିବା ବେଳେ ଗୋଟିଏ ରାଜ୍ୟରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସରକାର ଗଠନ କରିବ। ତେବେ ଏହା ପୂର୍ବରୁ ଆସାମରେ ମ୍ୟୁନିସିପାଲିଟି ନିର୍ବାଚନରେ ଭାଜପା ବିପୁଳ ବିଜୟ ହାସଲ କରିଥିଲା।




ଦଳ ୯୭୭ଟି ୱାର୍ଡରୁ ୭୫୯ ୱାର୍ଡ ଦଖଲ କରିଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆସାମର ପ୍ରଭାରୀ ଦାୟିତ୍ୱରେ ରହିଥିଲେ ପୂର୍ବତନ ସାଂସଦ ତଥା ବର୍ତ୍ତମାନର ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବୈଜୟନ୍ତ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମାଙ୍କୁ ଭେଟିବା ପରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବୈଜୟନ୍ତ ଆସାମରୁ ରାଜ୍ୟସଭାକୁ ଯାଇପାରନ୍ତି ବୋଲି କିଛି ଗଣମାଧମରେ ଚର୍ଚ୍ଚା ହେଉଛି। ତେବେ ଏ ନେଇ ବୈଜୟନ୍ତ କିମ୍ବା ଦଳୀୟ ସୂତ୍ରରୁ କୌଣସି ପ୍ରତିକ୍ରିୟା ବର୍ତ୍ତମାନ ସୁଦ୍ଧା ଆସିନାହିଁ।

ବର୍ତ୍ତମାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଅତୀତରେ ବିହାରରୁ ରାଜ୍ୟସଭାକୁ ଯାଇଥିଲେ। ତେଣୁ ବୈଜୟନ୍ତଙ୍କୁ ମଧ ଭାଜପା ରାଜ୍ୟସଭା ପଠାଇପାରେ। ବୈଜୟନ୍ତଙ୍କ ପରି ଜଣେ ଟାଣୁଆ, ଅଭିଜ୍ଞତାସମ୍ପନ୍ନ, ଜ୍ଞାନୀ ରାଜନେତାଙ୍କୁ ଭାଜପା ଉତ୍ତର-ପୂର୍ବରେ ଦଳର ପ୍ରାଧାନ୍ୟ ଜାହିର ପାଇଁ ସେନାପତି କରିପାରେ। ବିଗତ କିଛିବର୍ଷ ଧରି ଉତ୍ତର-ପୂର୍ବ ଭାରତରେ ନିଜର ସ୍ଥିତି ସୁଦୃଢ କରିବା ପ୍ରୟାସରେ ରହିଛି ଭାଜପା। ତେଣୁ ଏଭଳି ବୈଜୟନ୍ତ ରାଜ୍ୟସଭାକୁ ଯାଆନ୍ତି, ତେବେ ଏହାର ପ୍ରଭାବ ନିଶ୍ଚିତ ଭାବେ ଓଡ଼ିଶା ଉପରେ ପଡିପାରେ। ତେଣୁ ତାଙ୍କୁ ନେଇ ହେଉଥିବା ଚର୍ଚ୍ଚା କେତେଦୂର ଠିକ୍ ତାହା ସମୟ ଆସିଲେ ଜଣାପଡିବ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera